## ଶୋଭାଯାତ୍ରାରେ ସାମିଲ ହେଲା ବିଷ୍ଣୁପୁର ମେଢ଼

**ଭଣ୍ଡାରିପୋଖରୀ, (ସ୍ୱ.ପ୍ର.)**-ଭଦ୍ରକ ରାମନବମୀ ଶୋଭାଯାତ୍ରାରେ ସାମିଲ ହେଲା ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ପଞ୍ଚାୟତ ମେଢ଼। ତପନ ପାତ୍ର, ରାମନବମୀ କମିଟି ସଭାପତି ସୁଧାକର ମହାପାତ୍ର, ସରପଞ୍ଚ ଅମୂଲ୍ୟ ନାୟକ, ରାମଚନ୍ଦ୍ର ରାଉତ, ବଦ୍ରି ପଣ୍ଡା, ବିଦ୍ୟାଧର ସେଠି, ଅଜିତ ଦାସ, ପୂର୍ଣ୍ଣଚନ୍ଦ୍ର ଖିଲାର, ବିଜୟ ଖିଲାର ପ୍ରମୁଖ ନଗର ସଂକୀର୍ତ୍ତନରେ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ସେହିପରି ଶ୍ରୀରାମ ନବମୀ କମିଟି ବାଇପାସ୍ ପକ୍ଷରୁ ମେଢ଼ ଶୋଭାଯାତ୍ରାରେ ଯୋଗ ଦେଇଥିଲା। ଚୁନିଦାରୁ ଜୟ ଶ୍ରୀରାମ ଧ୍ୱନିରେ ମୋଟର ସାଇକେଲ ଶୋଭାଯାତ୍ରା ବାହାରି ଭଦ୍ରକରେ ପହଞ୍ଚିଥିଲା।


ଭଦ୍ରକ ସହରରେ ରାମନବମୀ ଶୋଭାଯାତ୍ରାରେ ଲୋକଙ୍କ ଭିଡ଼।


ଆଦିବାସୀ ନୃତ୍ୟ ପରିବେଷଣ।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ସହର

**ଭଦ୍ରକ ଶ୍ରୀରାମ ନବମୀ ମହୋତ୍ସବ**

- ଶୋଭାଯାତ୍ରାରେ ଲକ୍ଷାଧିକ ଭକ୍ତଙ୍କ ସମାଗମ
- ମହାଯଜ୍ଞର ପୂର୍ଣ୍ଣାହୁତି, ଗାନ୍ଧୀପଡ଼ିଆ ଲୋକାରଣ୍ୟ

**ଭଦ୍ରକ ଅଫିସ,୩୦।୩**

ଐତିହାସିକ ଶ୍ରୀରାମ ନବମୀ ମହୋତ୍ସବ ଅବସରରେ ଗୁରୁବାର ଭଦ୍ରକ ସହର ଜୟ ଶ୍ରୀରାମ ଧ୍ୱନିରେ ପ୍ରକମ୍ପିତ ହୋଇଉଠିଛି। ସନ୍ଧ୍ୟାରେ ବାହାରିଥିବା ଶୋଭାଯାତ୍ରାରେ ଜିଲା ଓ ଜିଲା ବାହାରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥିଲା। ଲୋକ ମହୋତ୍ସବ ଭାବେ ପରିଗଣିତ ଶ୍ରୀରାମ ନବମୀ ସମାରୋହର ବିଶାଳ ନଗର ସଂକୀର୍ତ୍ତନ ଶୋଭାଯାତ୍ରାରେ ଏଥର ୮୦ରୁ ଉର୍ଦ୍ଧ୍ୱ ସୁସଜ୍ଜିତ ମେଢ଼ ସାମିଲ ହୋଇଥିଲା। ଭଦ୍ରକ ପୌରାଞ୍ଚଳର ବିଭିନ୍ନ ସାହି, ବସ୍ତି ସମେତ ଜିଲାର ବିଭିନ୍ନ ବ୍ଲକରୁ ସୁସଜ୍ଜିତ ମେଢ଼ ବାହାରି ଶୋଭାଯାତ୍ରାରେ ଯୋଗ ଦେଇଥିଲେ। ବାଦ୍ୟ, ଡିଜେ, କୀର୍ତ୍ତନ ମଣ୍ଡଳୀ, ସିଂହବାଜା, ଘଣ୍ଟ ବାଜା, ଘୋଡ଼ାନାଚ, ଆଦିବାସୀ ନୃତ୍ୟ ସହ ବିଭିନ୍ନ ପାରମ୍ପରିକ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟରେ ଶୋଭାଯାତ୍ରା ନେହେରୁ ଷ୍ଟାଡିୟମରୁ ବାହାରି ବିଳମ୍ବିତ ରାତି ପର୍ଯ୍ୟନ୍ତ ଚାଲିଥିଲା। ଶୋଭାଯାତ୍ରା ସହର ପରିକ୍ରମା କରି ଗାନ୍ଧୀପଡ଼ିଆରେ ପହଞ୍ଚିବା ପରେ ଉଦ୍ଯାପିତ ହୋଇଥିଲା। ସହରକୁ ଗେରୁଆ ପତାକା, ତୋରଣ ଓ ଗେରୁଆ ଟାୱାରରେ ସୁସଜ୍ଜିତ କରାଯାଇଥିଲା। ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଗାନ୍ଧୀପଡ଼ିଆରେ ୭ଦିନ ବ୍ୟାପି ଚାଲିଥିବା ମହାଯଜ୍ଞର ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଥିଲା। ସକାଳେ ଯଜ୍ଞ ସ୍ଥଳରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିବା ବେଳେ ସନ୍ଧ୍ୟାରେ ପୂର୍ଣ୍ଣାହୁତି ସମୟରେ ଗାନ୍ଧୀପଡ଼ିଆ ଲୋକାରଣ୍ୟ ହୋଇପଡ଼ିଥିଲା। ପ୍ରତିକୂଳ ପାଗ ତଥା ବର୍ଷା ସତ୍ତ୍ୱେ ପ୍ରବଳ ଭିଡ଼ ହୋଇଥିଲା।

ଗେଲପୁର, ସଚ୍ଛିଆ, ଏଲଖା, ଗେଲଟିଆ, ଗବସାହି, ଜଗନ୍ନାଥପୁର, ଜାନୁଗଞ୍ଜ, ବଙ୍କସାହି, ମଠସାହି, କୁଆଁସ, ରାଜଘାଟ ଆଦି ଅଞ୍ଚଳରୁ ବାହାରିଥିବା ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ରାସ୍ତାର ଦୁଇପାର୍ଶ୍ୱରେ ହଜାର ହଜାର ମହିଳା ଓ ପୁରୁଷ ଶଙ୍ଖ, ହୁଳହୁଳି ମାଧ୍ୟମରେ ମେଢ଼ଗୁଡ଼ିକୁ ସ୍ୱାଗତ କରିଥିଲେ। ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ୍ ନିଜେ ଶୋଭାଯାତ୍ରାକାରୀଙ୍କୁ ଥଣ୍ଡା ପାନୀୟ ବାଣ୍ଟିଥିଲେ। କମିଟି ସଭାପତି ରାୟ ରାମାନନ୍ଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ବ୍ୟୋମକେଶ ସେନାପତି, ସମ୍ପାଦକ ଶରତ ପଢିଆରୀ, ଉପସଭାପତି ପ୍ରଦୀପ୍ତ ବିଶ୍ୱାଳ, ଉପଦେଷ୍ଟା ମନମୋହନ ସାମଲ, ଅଭିମନ୍ୟୁ ସେଠୀ, ତୁଷାରକାନ୍ତ ଦାସ, ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ସଞ୍ଜୀବ ମଲ୍ଲିକ, ବଦ୍ରିନାରାୟଣ ଧଳ, ଡା. ପ୍ରଦୀପ ନାୟକ, ସଂଯୋଜକ ଗୋବିନ୍ଦ ରାଉତ, ସଂଗ୍ରାମ ଆଚାର୍ଯ୍ୟ, ମାନସ ମହାନ୍ତି, ତପନ ମହାନ୍ତି, ସ୍ୱାଧୀନ ସୁନ୍ଦର ଦାସ, ଭଗବାନ ପଣ୍ଡା, କଳ୍ପନା ଜେନା, ମାଳତୀଲତା ସାହୁ, ଉଷା ପାଢ଼ୀ, ଶ୍ରୀହର୍ଷ ସ୍ୱାଇଁ, ଜଗନ୍ନାଥ ଦାସ, ଅମ୍ବିକା ପ୍ରସନ୍ନ ଦାଶ, ଦେବାଂଶୁ ରାଉତ, ପ୍ରୟାସକାନ୍ତି ସାମଲ ପ୍ରମୁଖ ପରିଚାଳନା କରିଥିଲେ। ଶାନ୍ତି କମିଟି ଓ ପୋଲିସ ପ୍ରଶାସନ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।


ଶୋଭାଯାତ୍ରାରେ ସାମିଲ ହୋଇଥିବା ଏକ ସୁସଜ୍ଜିତ ମେଢ଼।

### ଡିଜେ ସାଙ୍ଗକୁ ଭାଇବ୍ରେଟର୍
ଅଧିକାଂଶ ମେଢ଼ ଶୋଭାଯାତ୍ରାରେ ଡିଜେ ଓ ଭାଇବ୍ରେଟର୍ ଦେଖିବାକୁ ମିଳିଥିଲା। ଯୁବଗୋଷ୍ଠୀଙ୍କ ନାଚ ସାଙ୍ଗକୁ ଡିଜେ ଶବ୍ଦରେ ସାରା ସହର ଅପରାହ୍ନରୁ ବିଳମ୍ବିତ ରାତି ପର୍ଯ୍ୟନ୍ତ ସ୍ତବ୍ଧ ହୋଇଯାଇଥିଲା।

### ଭକ୍ତି କମ୍, ମଉଜ ମସ୍ତି ଅଧିକ
ଶୋଭାଯାତ୍ରାରେ ଭକ୍ତି ଭାବନା ତୁଳନାରେ ମନୋରଞ୍ଜନ ଅଧିକ ଗୁରୁତ୍ୱ ପାଇବା ଭଳି ମନେ ହୋଇଥିଲା। କେତେକ ମେଢ଼ରେ ଯୁବଗୋଷ୍ଠୀଙ୍କ ମଉଜ ମସ୍ତି ଅଧିକ ହେଉଥିବା ଦେଖିବାକୁ ମିଳିଥିଲା।

### ପୋଲିସ ନାକେଦମ୍
ଭଦ୍ରକ ସହରରେ ଏପରି ବିଶାଳ ଶୋଭାଯାତ୍ରାକୁ ନିୟନ୍ତ୍ରଣ କରିବା ସହଜ ନ ଥିଲା। ଏଥିପାଇଁ ଡ୍ୟୁଟିରେ ଥିବା ପୋଲିସକୁ ନାକେଦମ୍ ହେବାକୁ ପଡ଼ିଥିଲା। କେତେକ ସ୍ଥାନରେ କ୍ଲାନ୍ତ ଅନୁଭବ କରୁଥିବା ପୋଲିସ କର୍ମଚାରୀ ବସିପଡ଼ି ବିଶ୍ରାମ ନେଉଥିବା ଦେଖାଯାଇଥିଲା।

### ୩୦ରୁ ଉର୍ଦ୍ଧ୍ୱ ସ୍ଥାନରେ ଖାଦ୍ୟ, ପାନୀୟ ବ୍ୟବସ୍ଥା
ସହରର ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ସ୍ଥାନରେ ବିଭିନ୍ନ ଅନୁଷ୍ଠାନ ଓ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରାକାରୀଙ୍କୁ ସୁଦୃଶ୍ୟ ତୋରଣ ଦ୍ୱାରା ସ୍ୱାଗତ କରାଯିବା ସହ ଥଣ୍ଡା ପାନୀୟ ଓ ଖାଦ୍ୟ ପରଷା ଯାଇଥିଲା। ଥଣ୍ଡା ପାନୀୟ ସାଙ୍ଗକୁ ଆଇସ୍କ୍ରିମ, ତରଭୁଜ ଓ ପୁରୀ ଆଳୁକଷା ବଣ୍ଟନ କରାଯାଇଥିଲା।

### ମେଢ଼କୁ ନେଇ ପ୍ରତିଯୋଗିତା
ପ୍ରତିବର୍ଷ ଶୋଭାଯାତ୍ରାରେ ସାମିଲ ହେଉଥିବା ସୁସଜ୍ଜିତ ପ୍ରଜ୍ଞାପନ ମେଢ଼ଗୁଡ଼ିକ ମଧ୍ୟରୁ ଶ୍ରେଷ୍ଠ ମେଢ଼କୁ ଆୟୋଜକଙ୍କ ପକ୍ଷରୁ ପୁରସ୍କୃତ ବ୍ୟବସ୍ଥା ଥିବାରୁ ନିର୍ମାଣକାରୀଙ୍କ ମଧ୍ୟରେ ପ୍ରତିଯୋଗିତା ଦେଖିବାକୁ ମିଳିଥାଏ। ଏଥର ଅତ୍ୟାଧୁନିକ ଜ୍ଞାନ କୌଶଳରେ ଲକ୍ଷାଧିକ ଟଙ୍କା ବ୍ୟୟରେ ମେଢ଼ଗୁଡ଼ିକୁ ନିର୍ମାଣ କରାଯାଇଛି। କେଉଁ ମେଢ଼ରେ ରାମ ରାବଣ ଯୁଦ୍ଧର ଦୃଶ୍ୟ ସ୍ଥାନ ପାଇଥିଲା ତ ଅନ୍ୟ କେଉଁ ମେଢ଼ରେ ପ୍ରଭୁ ଶ୍ରୀରାମଙ୍କ ସହ ହନୁମାନଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଘଟଣାବଳୀ ସ୍ଥାନ ପାଇଥିଲା।

### ଆକର୍ଷଣ ସାଜିଲା ଗେରୁଆ ଟାୱାର
ଚଳିତବର୍ଷ ଏହି ମହୋତ୍ସବ ପାଇଁ କଲେଜ ଛକ ଟ୍ରାଫିକ ପୋଷ୍ଟ, ପୋଷ୍ଟଅଫିସ ଛକ, ଅପର୍ତ୍ତିବିନ୍ଧା ଛକରେ ଗେରୁଆ କପଡ଼ାରେ ଟାୱାର ନିର୍ମାଣ କରାଯାଇଥିଲା। ଟାୱାରରେ ଶ୍ରୀରାମ ଓ ହନୁମାନଙ୍କ ତୈଳଚିତ୍ର ଲଗାଯାଇଥିଲା, ଯାହା ଲୋକଙ୍କୁ ଆକର୍ଷିତ କରିଥିଲା। ଯୁବତୀ ଯୁବକ ଏହି ସ୍ଥାନରେ ସେଲ୍ଫି ନେବା ସହ ଭିଡିଓ ଶୁଟିଂ କରୁଥିବା ଦେଖିବାକୁ ମିଳିଥିଲା।

ଏସ୍‌ପି ବରୁଣ ଗୁଣ୍ଟୁପାଲ୍ଲିଙ୍କ ନେତୃତ୍ୱରେ ୨ ଅତିରିକ୍ତ ଏସ୍‌ପି ଓ ସିଟି ଡିଏସ୍‌ପିଙ୍କ ତତ୍ତ୍ୱାବଧାନରେ ଶତାଧିକ ଅଫିସର ଏବଂ ୩୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ସାଦା ପୋଷାକରେ ମଧ୍ୟ ସ୍ୱତନ୍ତ୍ର ପୋଲିସ ନିୟୋଜିତ ଥିଲେ। ଅପରାହ୍ନରେ ସହର ଭିତରକୁ ଯାନବାହନ ନିଷେଧ କରାଯାଇଥିଲା।

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
balasoreselfie@gmail.com


@କୁସୁମ


@ସ୍ୱାଗତିକା

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ବାରିପଦା ସହର ଉତ୍ସବମୁଖର


ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଓ ଅନ୍ୟମାନେ।

**ବାରିପଦା ଅଫିସ,୩୦।୩**

ଶ୍ରୀରାମ ନବମୀରେ ବାରିପଦା ସହର ଉତ୍ସବ ମୁଖର ହୋଇଥିଲା। ସହରର ବିଭିନ୍ନ ମନ୍ଦିରରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସମଗ୍ର ସହର ଗେରୁଆ ପତାକାରେ ସୁସଜ୍ଜିତ ହେବା ସହ ଏକ ବର୍ଣ୍ଣାଢ୍ୟ ପରିବେଶ ସୃଷ୍ଟି ହୋଇଥିଲା। ଜିଲାସ୍ତରୀୟ ଶ୍ରୀରାମ ନବମୀ ମହୋତ୍ସବ ପାଳନ ପାଇଁ ବିଭିନ୍ନ ହିନ୍ଦୁ ସଂଗଠନକୁ ନେଇ ଗଠିତ 'ଶ୍ରୀରାମ ନବମୀ ମହୋତ୍ସବ ସମିତି' ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଗୁରୁବାର ପୂର୍ବାହ୍ନରେ ବିଭିନ୍ନ ମନ୍ଦିରରେ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନା ଓ ହନୁମାନ ଚାଳିଶା ପାଠ ହୋଇଥିଲା। ଅପରାହ୍ନ ୩ଟାରେ ଶତାଧିକ ଶ୍ରୀରାମଭକ୍ତ ସ୍ଥାନୀୟ ମଧୁବନ ପଡ଼ିଆରୁ ଏକ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ଛଉ ପଡ଼ିଆଠାରେ ପହଞ୍ଚିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ ବ୍ୟାପାର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଭାଜପା ଜିଲା ସଭାପତି କାନ୍ଦରା ସୋରେନ, ବାରିପଦା ବିଧାୟକ ପ୍ରକାଶ ସୋରେନ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ପ୍ରମୁଖ ଉପସ୍ଥିତ ଥିଲେ।

# ଯୋଡ଼ାରେ ରାମ ଝଣ୍ଡା ଶୋଭାଯାତ୍ରା


ରାମ ଝଣ୍ଡା ଶୋଭାଯାତ୍ରାରେ ହଜାର ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଯୋଗଦାନ।

**ରାମ ନାମରେ ସହର ପ୍ରକମ୍ପିତ**

**ଯୋଡ଼ା/ଚମ୍ପୁଆ,୩୦।୩(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ସହରରେ ଶ୍ରୀ ରାମନବମୀ ଧୁମ୍‌ଧାମ୍‌ରେ ପାଳିତ ହୋଇଯାଇଛି। ଯୋଡ଼ାସ୍ଥିତ ପୋଷ୍ଟ ଅଫିସ ଛକ ହନୁମାନ ମନ୍ଦିରରୁ ଶ୍ରଦ୍ଧାଳୁମାନେ ରାମ ଝଣ୍ଡା ନେଇ ଶୋଭାଯାତ୍ରାରେ ଏସ୍‌ବିଆଇ ଛକ ନିକଟ ହନୁମାନ ମନ୍ଦିରରୁ ବାହାରିଥିଲେ। ପଟୁଆରରେ ସହରରେ ଥିବା ବିଭିନ୍ନ ମନ୍ଦିରକୁ ଯାଇ ରାମ ଝଣ୍ଡା ପ୍ରତିଷ୍ଠା କରି ପୂଜାର୍ଚ୍ଚନା କରିଥିଲେ। ଶୋଭାଯାତ୍ରା ସମୟରେ ପୁରା ସହର ଜୟ ଶ୍ରୀ ରାମ ନାମରେ ପ୍ରକମ୍ପିତ ହୋଇଥିଲା। ଶ୍ରଦ୍ଧାଳୁମାନେ କଳା, ସମର କୌଶଳ, ଆଖଡ଼ା ଖେଳ ପ୍ରଦର୍ଶନ କରିଥିଲେ। ପଟୁଆରରେ ଯଶବନ୍ତ ସିଂ, ଆର୍ କେ ସିଂ, ଉମେଶ ଶର୍ମା, ବିକାଶ ଫିରୋଜିବାଲା, ସୋନୁ ଚୌଧୁରୀ, ମାରୱାଡ଼ି ସମାଜ ପକ୍ଷରୁ ରାକେଶ ସିଂଘାନିଆ, ମୁକେଶ ସିଂ ଘାନିଆ, ସୁନୀଲ ବାସୋଟିଆ, କିଶନ ପଟୱାରି ପ୍ରମୁଖଙ୍କ ସମେତ ଶତାଧିକ ମହିଳା ପୁରୁଷ ସାମିଲ ହୋଇ ଭାଇଚାରାର ପର୍ବକୁ ସମସ୍ତ ଶ୍ରଦ୍ଧାଳୁ ଶାନ୍ତିଶୃଙ୍ଖଳା ସହ ପାଳନ କରୁଥିବା କହିଥିଲେ। ଶାନ୍ତି ଶୃଙ୍ଖଳା ପାଇଁ ପୂର୍ବରୁ କମିଟି ଗଠନ ହୋଇଥିଲା। ଏଥିସହ କେନ୍ଦୁଝର ଏସ୍‌ପି ମିତ୍ରଭାନୁ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ପୋଲିସ ପକ୍ଷରୁ ୨୦ ପ୍ଲାଟୁନ ଫୋର୍ସ ସହିତ ଦୁଇ ଜଣ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର, ୪୦ଜଣ ଅଧିକାରୀ ଦାୟିତ୍ୱରେ ରହିଥିଲେ। ଏନେଇ ଯୋଡା ମାର୍କେଟର ବରିଷ୍ଠ ନାଗରିକ ମହମ୍ମଦ ମୁକ୍ତାର୍, ମହମ୍ମଦ ସିରାଜ, ନୌଶାଦ ଆଲାମ, ସାକିଲ ଅହମ୍ମଦ, ମହମ୍ମଦ ଫଇମ ପ୍ରମୁଖ କହିଛନ୍ତି, ଗୋଟିଏ ପକ୍ଷରେ ପବିତ୍ର ରମଜାନ ମାସ ଓ ଅନ୍ୟ ପକ୍ଷରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଙ୍କ ଜନ୍ମ ଦିନ। ଏକ ଭାଇଚାରାର ଦିନ। ଏହାକୁ ସମସ୍ତେ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିଥିବା କହିଥିଲେ। ସେହିପରି ଚମ୍ପୁଆ ସଦରମହକୁମାରେ ପବିତ୍ର ରାମନବମୀ ଧୂମଧାମରେ ପାଳିତ ହୋଇଯାଇଛି। ଭକ୍ତି ଓ ଶ୍ରଦ୍ଧାର ସହିତ ଭକ୍ତମାନେ ଚମ୍ପୁଆ ବଜାର ମଧ୍ୟରେ ଥିବା ରାମ ମନ୍ଦିରରେ ପ୍ରଭୁ ଶ୍ରୀରାମ, ମାତା ସିତା ଓ ଅନୁଜ ଲକ୍ଷ୍ମଣଙ୍କ ପୂଜାର୍ଚ୍ଚନା କରିବା ସହିତ ଶୋଭାଯାତ୍ରାରେ ଶ୍ରଦ୍ଧାଳୁ ବିଭିନ୍ନ ୱାର୍ଡ ପରିକ୍ରମା କରିଥିଲେ। ରାମ ମନ୍ଦିର ସଭାପତି ବାବୁଲାଲ ଚାଉଡ଼ାଙ୍କ ତତ୍ତ୍ୱାବଧାନରେ ମନ୍ଦିର କମିଟି ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାମଝଣ୍ଡା ଶୋଭାଯାତ୍ରାରେ ସାମିଲ ହେଲେ ଆଖଡ଼ା ଦଳ

**ବଡ଼ବିଲ,୩୦।୩(ଡି.ଏନ୍.ଏ):** କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବିଭିନ୍ନ ହନୁମାନ ମନ୍ଦିର ସହ ମନ୍ଦିରରେ ଶ୍ରୀ ରାମନବମୀ ପାଳିତ ହୋଇଛି। ଏହି ଅବସରରେ ବଡ଼ବିଲସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଛାତ୍ରୀଛାତ୍ରମାନେ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନ ଏବଂ ଜାମ୍ବବାନଙ୍କ ବେଶରେ ସଜ୍ଜିତ ହୋଇ ମନୋରଞ୍ଜନ କରିଥିଲେ। ବଡ଼ବିଲ ବଜାରସ୍ଥିତ ହନୁମାନ ମନ୍ଦିରରେ ପୌରାଞ୍ଚଳର ୧୧ ଆଖଡ଼ା ଦଳ ଏକତ୍ରିତ ହୋଇ ଶୋଭାଯାତ୍ରାରେ ଝଣ୍ଡା ଧରି ସାମିଲ ହୋଇଥିଲେ। ଆଖଡ଼ା ପ୍ରଦର୍ଶନ ପୂର୍ବକ ସହର ପରିକ୍ରମା କରିଥିଲେ। ଶୋଭାଯାତ୍ରା ପରେ ସନ୍ଧ୍ୟାରେ ବିକାଶ ମହଲଠାରେ ଆଖଡ଼ା ଦଳ ଗୁଡ଼ିକ ମଧ୍ୟରେ ଆଖଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।


ସହର ପରିକ୍ରମା କରୁଥିବା ଶ୍ରୀରାମ ନବମୀ ଶୋଭାଯାତ୍ରା।

# ସହର ବୁଲିଲା ମେଢ଼ ଶୋଭାଯାତ୍ରା





ରାମନବମୀ ଅବସରରେ ବାଲେଶ୍ୱର ସହରରେ ବାହାରିଥିବା ମେଢ଼ ଶୋଭାଯାତ୍ରା।

**ବାଲେଶ୍ୱର ଅଫିସ, ୩୦।୩**

ବାଲେଶ୍ୱର ସହରରେ ମହାଆଡ଼ମ୍ବରରେ ପାଳିତ ହୋଇଛି ଶ୍ରୀରାମ ନବମୀ ଉତ୍ସବ। ଏହି ଅବସରରେ ଶ୍ରୀରାମ ଚେତନା ଜାଗରଣ ସଂଘ ପକ୍ଷରୁ ଗୁରୁବାର ଏକ ପଦଯାତ୍ରା ଆୟୋଜନ କରାଯାଇଥିଲା। ଏଥିରେ ବାଲେଶ୍ୱର ସହର ସମେତ ଆଖପାଖ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ୨୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶ୍ରୀରାମ, ହନୁମାନ ଏବଂ ମହାଦେବଙ୍କ ମେଢ ସହ କୁନି କୁନି ପିଲାଙ୍କୁ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶରେ ସଜ୍ଜିତ କରାଯାଇ ବିଭିନ୍ନ ବାଦ୍ୟଯନ୍ତ୍ର ସହ ସହର ପରିକ୍ରମା କରିଥିଲେ। 'ଜୟ ଶ୍ରୀରାମ' ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ସ୍ଥାନେ ସ୍ଥାନେ ବିଭିନ୍ନ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳ, ପଣା, ଦହି ସରବତ, ଫଳମୂଳ ଓ ଖେଚୁଡ଼ି ବ୍ୟବସ୍ଥା କରାଯାଇଥିଲା।

ପରମିଟ୍ ପଡ଼ିଆରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କୁ ପୂଜାପାଠ ଓ ସାମୂହିକ ହନୁମାନ ଚାଳିଶା ପାଠ ପରେ ଆରମ୍ଭ ହୋଇଥିଲା ପଦଯାତ୍ରା। ଏହି ଶୋଭାଯାତ୍ରା ପରମିଟ୍ ପଡ଼ିଆରୁ ବାହାରି ସିନେମାଛକ, ଟାଉନହଲ, ମିର୍ଜାପୋଖରୀ, ମାଣିଖମ୍ବ, ବାରବାଟୀ, ଦମୋଦରପୁର, ବଡ଼ାପୋଲ, ଗୋଳାପୋଖରୀ, ପରମିଟ ଘାଟ, ପୁରୁଣା ବାଲେଶ୍ୱର, ଗବଗାଁ, ପାତ୍ରପଡ଼ା, ବଙ୍କାଖେଜୁଳ ହେମକାପଦା, ମାନସିଂବଜାର, ଆଇଟିଆଇ ଛକ, ଷ୍ଟେଶନଛକ, ଫକୀରମୋହନ ଗୋଲେଇ, ଓଭରବ୍ରିଜ, ସହଦେବଖୁଣ୍ଟା, ଭାସ୍କରଗଞ୍ଜ. ମାଲଗୋଦାମ, ଆନନ୍ଦବଜାର, ଗଳାପୋଲ, ଦର୍ଜିପୋଖରୀ, ରାଣୀପାଟଣା, ଏଡିଏମ ଛକ, ପଡୁଆଁପଦା, ଆଜିମାବାଦ ଓ କଲେଜଛକ ଦେଇ ପୁଣି ପରମିଟ ପଡ଼ିଆରେ ପହଞ୍ଚିଥିଲା। ଶୋଭାଯାତ୍ରାରେ ଶ୍ରୀରାମ ଦରବାର, ଝାଙ୍କି ବାଜା, ଢେଙ୍କାନାଳର ଶିଂଘିବାଜା, ପୁରୀର ଶଙ୍ଖଆଦଳ, ଆଦିବାସୀ ଧୂମୁସା ବାଜା, ଏକାଧିକ କୀର୍ତ୍ତନ ଦଳ, ଶ୍ରୀହନୁମାନ ମୂର୍ତ୍ତିର ବେଢ଼ା, ମହାଦେବଙ୍କ ମୂର୍ତ୍ତି ସହ ମେଢ଼ ସାମିଲ ହୋଇଥିଲେ। ସହର ରାସ୍ତାରେ ଏହି ଶୋଭାଯାତ୍ରା ଯାଉଥିବା ବେଳେ ବିଭିନ୍ନ ପାରମ୍ପରିକ ଦଳ ବାଦ୍ୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଛୋଟ ଛୋଟ ପିଲାମାନେ ବେଦମନ୍ତ୍ର ପାଠ କରୁଥିବା ବେଳେ ବିଭିନ୍ନ ବେଶ ପୋଷାକରେ ଯୁବକମାନେ ଖେଳ ପ୍ରଦର୍ଶନ କରିଥିଲେ। ରାମନାମ ଉଚ୍ଚାରଣ ସାଙ୍ଗକୁ ଘଣ୍ଟଘଣ୍ଟା ମୃଦଙ୍ଗ, ଢୋଲ ଶବ୍ଦରେ ପ୍ରକମ୍ପିତ ହୋଇଥିଲା ସହର ରାସ୍ତାଘାଟ। ଏହି ଶୋଭାଯାତ୍ରାରେ ଦଳମତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ନେତା ସାମିଲ୍ ହୋଇଥିଲେ। ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ବିଧାୟକ ସ୍ୱରୁପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ବାଲେଶ୍ୱର ପୌରାଧ୍ୟକ୍ଷ ସବିତା ସାହୁ, ପୂର୍ବତନ ଏମ୍‌ପି ଇଂ. ରବୀନ୍ଦ୍ର କୁମାର ଜେନା, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଗୋବିନ୍ଦ ଚନ୍ଦ୍ର ଦାସ, ସୁଦର୍ଶନ ଯେନା, ପୂର୍ବତନ ପୌରପାଳ ଆଲୋକ କୁମାର ସାହୁ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଭାଜପା ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି ମାନସ କୁମାର ଦତ୍ତ, ରାଜ୍ୟ ବିଜେଡି ଯୁବମୋର୍ଚ୍ଚା କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଯୁବ ନେତା ବିକ୍ରମ ପଣ୍ଡା ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲା ପୋଲିସ ପକ୍ଷରୁ ୧୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ବେଳେ ଅଧିକାରୀମାନେ ପଦଯାତ୍ରାର ତଦାରଖ କରିଥିଲେ। ବିଭିନ୍ନ ଥାନାର ଅଧିକାରୀମାନେ ଏକାଧିକ ମୋବାଇଲ ଗାଡ଼ି ବ୍ୟବହାର କରି ପରିସ୍ଥିତି ଅନୁଧ୍ୟାନ କରିଥିଲେ।



## ୫ ବଖରା ଜଳିଗଲା

ପଦ୍ମପୁର,ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ସାନକୃଷ୍ଣପୁର ପଞ୍ଚାୟତ ଡିହସାହି ଗ୍ରାମର ଅଶୋକ ବେହେରା ଓ ଅଶେଷ ବେହେରାଙ୍କ ଘରେ ବୁଧବାର ଅପରାହ୍ନରେ ନିଆଁ ଲାଗି ୫ ବଖରା ଜଳିଯାଇଛି। କୌଣସି କାରଣରୁ ନିଆଁ ଲାଗି ଯାଇଥିବା ବେଳେ ସମସ୍ତେ ଶୋଇଥିବାରୁ କେହି ଜାଣିପାରି ନ ଥିଲେ। ଗ୍ରାମବାସୀ ବାସୁଦେବପୁର ଅଗ୍ନିଶମ କେନ୍ଦ୍ରକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ସେତେବେଳକୁ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା।

## ସଂକ୍ଷେପରେ

### ଅନନ୍ୟ ପ୍ରତିଭା ଦିବ୍ୟଶ୍ରୀ



ପଦ୍ମପୁର, ୩୦।୩(ଡି.ଏନ.ଏ.)- ଭଦ୍ରକ ଜିଲା ବାସୁଦେବପୁର ପୌରାଞ୍ଚଳ ଅନ୍ତର୍ଗତ ସୁରେଶରପୁର ଗ୍ରାମର ଦିବ୍ୟଶ୍ରୀ ବେହେରା ସ୍ଥାନୀୟ ସେଣ୍ଟ ଜାଭିୟର ସ୍କୁଲର ୪ର୍ଥ ଶ୍ରେଣୀ ଛାତ୍ରୀ। ବାପା ରାଜେନ୍ଦ୍ର ବେହେରା ଜଣେ ବ୍ୟାଙ୍କ କର୍ମଚାରୀ ହୋଇଥିବା ବେଳେ ମା' ରଞ୍ଜିତା ଗୃହିଣୀ। ଦିବ୍ୟଶ୍ରୀ ଜଣେ ମେଧାବୀ ଛାତ୍ରୀ ହୋଇଥିବା ବେଳେ ଖେଳ, ନୃତ୍ୟ ଓ ଚିତ୍ରାଙ୍କନରେ ନିଜର ପ୍ରତିଭା ପ୍ରତିପାଦିତ କରିଛନ୍ତି। ସ୍ଥାନୀୟ ତୁକାସୀ ଟାଏକୋଣ୍ଡୋ ଏକାଡେମୀରେ ସେ ପ୍ରଶିକ୍ଷଣ ନେଇ ରାଜ୍ୟ ଓ ଜାତୀୟସ୍ତରରେ ୪ର୍ଥ ବ୍ଲାକବେଲ୍ଟ ଓ ସ୍ୱର୍ଣ୍ଣପଦକ ଜିତି ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି। ରାଜ୍ୟସ୍ତରରେ ଭୁବନେଶ୍ୱର ଉତ୍କଳ କରାଟେ ସ୍କୁଲଠାରେ କ୍ୟୁରୋଗୀ ଫାଇଟରେ ସ୍ୱର୍ଣ୍ଣପଦକ ଜିତିଛନ୍ତି। ତାମିଲନାଡୁର ନାମକଲଠାରେ ଅନୁଷ୍ଠିତ ଜାତୀୟ କରାଟେ ଚାମ୍ପିୟନଶିପ୍‌ରେ ଗୋଷ୍ଠୀଗତ କ୍ୟୁରୋଗୀ ଫାଇଟରେ ଜେ.ବି. ଜାହ୍ନବୀଙ୍କ ସହ ଭାଗ ନେଇ ସ୍ୱର୍ଣ୍ଣପଦକ ଜିତିଛନ୍ତି। ଭବିଷ୍ୟତରେ ସେ ଟାଏକୋଣ୍ଡୋରେ ଅନ୍ତର୍ଜାତୀୟ ସ୍ତରରେ ଭାଗ ନେବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାଙ୍କର କୃତିତ୍ୱ ପାଇଁ ସେ ପ୍ରଶିକ୍ଷକ କୈଳାସ ନାଥ ଓ ବାପା ରାଜେନ୍ଦ୍ରଙ୍କୁ ଶ୍ରେୟ ଦେଇଛନ୍ତି।

### ପ୍ରତ୍ୟେକ ଘରେ ମୋ ଉପକାରୀ ବଗିଚା ରଖିବାକୁ ଆହ୍ୱାନ

କେନ୍ଦୁଝର,୩୦।୩(ଡି.ଏନ୍.ଏ.): କେନ୍ଦୁଝର ଜିଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ଆନୁକୂଲ୍ୟରେ ମଙ୍ଗଳବାର ପୋଷଣ ପକ୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାର ହଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଯଦୁମଣି ମହଲା ପୋଷଣ ପକ୍ଷ ପାଳନର ଉଦ୍ଦେଶ୍ୟ, ଆବଶ୍ୟକତା ଓ ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଅଧିକ ପୋଷଣତତ୍ତ୍ୱ ଥିବା ମାଣ୍ଡିଆର ଉପାଦେୟତା ସମ୍ପର୍କରେ ଆଲୋକପାତ କରିବା ସହ ପ୍ରତ୍ୟେକ ଘରେ ମୋ ଉପକାରୀ ବଗିଚା ରଖିବାକୁ ଆହ୍ୱାନ ଦେଇଥିଲେ। ଏହା ଦ୍ୱାରା କିପରି ପୋଷଣଯୁକ୍ତ ପନିପରିବା ମିଳିବ ଏବଂ ସ୍ୱାସ୍ଥ୍ୟ ପାଇଁ ଏହା କିପରି ଉପାଦେୟ ହୋଇପାରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ଗୌରୀମଣି ହାଁସଦା, ଡିପିଏଚ୍‌ଓ ଡା. ଲଲାଟେନ୍ଦୁ ନାୟକ, ପିସିଏମ୍‌ସି ଉମ୍ବରୁଧର ସେଠୀ, ଆସିଷ୍ଟାଣ୍ଟ ଏଓ ସୁମନସ୍ମିତା ତରେଇ, ଜିଲା ମଙ୍ଗଳ ଅଧିକାରୀ ପ୍ରବୀର ଦେଓ, ଓସ୍କାର ଉପ ସଭାପତି ସୁନିତା ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇ ଅଧିକ ପୋଷଣଯୁକ୍ତ ମାଣ୍ଡିଆ କିପରି ମା' ଓ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପାଇଁ ଅତି ଉପକାରୀ ସେ ସମ୍ପର୍କରେ ମତବ୍ୟକ୍ତ କରିଥିଲେ।

# ନ୍ୟାଯ୍ୟ ଦାବି ପୂରଣ ଲାଗି ଏକାଠି ହେଲେ ଅମଲା

**ବାଲେଶ୍ୱର ଅଫିସ, ୩୦।୩**

■ଗଠନ ହେଲା 'ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ'
■କଲମ ଛାଡ଼ ଆନ୍ଦୋଳନ ପାଇଁ ସଜବାଜ

ରାଜ୍ୟ ପ୍ରଶାସନର ମୌଳିକ ସେବା ପ୍ରଦାନରେ ଜିଲାସ୍ତରୀୟ ଅମଲାମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ହେଲେ ଅମଲାମାନଙ୍କର ନ୍ୟାଯ୍ୟ ଦାବି ପୂରଣ କରିବାରେ ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଏହାର ପ୍ରତିବାଦ କରି ଗୁରୁବାର ବାଲେଶ୍ୱର ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ବିଭିନ୍ନ ଅମଲା ସଂଘ ଏକାଠି ହୋଇ ଏକ ସାଧାରଣ ସଭା ଆୟୋଜନ କରିଥିଲେ। ଅମଲା ସଂଘଗୁଡ଼ିକର ରାଜ୍ୟସ୍ତରୀୟ ନେତାଙ୍କ ନିଷ୍ପତ୍ତି ଅନୁସାରେ 'ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ' ଗଠନ କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ କଲମ ଛାଡ଼ ଆନ୍ଦୋଳନ ପାଇଁ ମଞ୍ଚ ପକ୍ଷରୁ ପ୍ରସ୍ତୁତି ହେଉଥିବା ସୂଚନା ମିଳିଛି।

ଅମଲା ସଂଘର ଗଠନ ଦୀର୍ଘ ୮୦ବର୍ଷ ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଓଡ଼ିଶା ସରକାର ସଂଘର ଗୋଟିଏ ଦାବି (ବେତନ ବୃଦ୍ଧି) ପୂରଣ କରିବାରେ ପଦକ୍ଷେପ ଗ୍ରହଣ କରିନାହାନ୍ତି। ଏହା ଭିତରେ ମୂଳ ଅମଲା ସଂଘରୁ ଭାଗ ଭାଗ


ବୈଠକରେ ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚର କର୍ମକର୍ତ୍ତା।

ହୋଇ ଓଡ଼ିଶା ଅମଲା ସଂଘ, ଓଡ଼ିଶା ରାଜସ୍ୱ ଅମଲା ସଂଘ, ନିଖିଳ ଓଡ଼ିଶା ଟ୍ରେଜରି ଅମଲା ସଂଘ ଓ ଓଡ଼ିଶା ସବରେଜିଷ୍ଟ୍ରର ଅମଲା ସଂଘ ଗଠନ ହୋଇଛି। ଯାହାଦ୍ୱାରା ସରକାର ଏହାର ଫାଇଦା ଉଠାଇ ଦାବି ପୂରଣ କରିବାରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ବିଳମ୍ବରେ ହେଲେ ମଧ୍ୟ ବିଭିନ୍ନ ଅମଲା ସଙ୍ଗଠନର ନେତୃବୃନ୍ଦ ତଥା ସାଧାରଣ ସଦସ୍ୟମାନେ ଉପଲବ୍ଧି କରି ଗତ ମାର୍ଚ୍ଚ ୫ତାରିଖରେ ରାଜ୍ୟ ସଚିବାଳୟ ସେବା ବୈଠକ ଗୃହରେ ସମସ୍ତ ଅମଲା ସଂଘର ନେତୃବୃନ୍ଦଙ୍କୁ ନେଇ ଏକ ମିଳିତ ବୈଠକ କରିଥିଲେ। ବୈଠକରେ ପୂର୍ବ ମତଭେଦକୁ ଦୂରେଇ ଜିଲାସ୍ତରୀୟ ଅମଲାମାନଙ୍କ ସାମୂହିକ ସ୍ୱାର୍ଥ ହାସଲ ନିମନ୍ତେ ଏକାଠି ହୋଇ ଏକ ମିଳିତ ମଞ୍ଚ ଗଠନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଆହ୍ୱାନ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଜିଲାର ସମସ୍ତ ଅମଲାଙ୍କୁ ନେଇ 'ଜିଲାସ୍ତରୀୟ ମିଳିତ ଅମଲା ମଞ୍ଚ' ଗଠନ ହୋଇଛି। ଏହାର ଅଧ୍ୟକ୍ଷ ଭାବେ ଓଡ଼ିଶା ରାଜସ୍ୱ ଅମଲା ସଂଘ ସଦସ୍ୟ ଲକ୍ଷ୍ମୀଧର ବେହେରା ଓ ଆବାହକ ଭାବେ ଓଡ଼ିଶା ଅମଲା ସଂଘର ସଦସ୍ୟ ପ୍ରଦୀପ କୁମାର ଦାଶଙ୍କୁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ଅଶୋକ କୁମାର ଦାସ, ଦେବୀଦତ୍ତ ସାହୁ, ପୁଷ୍ପରାଜ ଜେନା, ମନୋରଞ୍ଜନ ପଲେଇ, ନିଗମ କିଶୋର ଦାସ, ତପନ କୁମାର ବେହେରା, ଉତ୍ତମ କୁମାର ଦେ, ମହେଶ୍ୱର ସେଠୀ, ସୁମିତ କୁମାର ସିଂ, ଦୀପକ କୁମାର ଚାନ୍ଦ, ନମିତା ମାଝି, ତନ୍ମୟ ଜେନା, କିଶୋର କୁମାର ବିଶ୍ୱାଳ, ଜୀବନ କୁମାର ମହାନ୍ତି, ଦିଲୀପ ମହାପାତ୍ର, ବ୍ରହ୍ମଦର୍ଶୀ ବେହେରା, କିଶୋର ମିଶ୍ର, ରଜନୀକାନ୍ତ ପଣ୍ଡା, ଧର୍ମେଶ କୁମାର ଶତପଥୀ, ପ୍ରୀତିଶ ପଟ୍ଟନାୟକ, ସତ୍ୟରଞ୍ଜନ ତ୍ରିପାଠୀଙ୍କୁ ମଞ୍ଚର ପ୍ରତିନିଧି ଭାବେ ମନୋନୀତ କରାଯାଇଛି। ଦାବି ପୂରଣ ଦିଗରେ ରାଜ୍ୟ ମିଳିତ ଅମଲା ସଂଘ ଯେଉଁ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିବ, ତାହାକୁ ଜିଲାସ୍ତରରେ ବ୍ୟାପକ କରିବା ପାଇଁ ଉପସ୍ଥିତ ସଭ୍ୟାସଭ୍ୟମାନେ ନିଷ୍ପତ୍ତି ନେଇଥିଲେ। ବୈଠକରେ ୨ଶହରୁ ଅଧିକ ଅମଲା ଉପସ୍ଥିତ ଥିଲେ।

## ଚିକିତ୍ସା ଅଭାବରୁ ଆଖି ବୁଜିଲେ ସ୍ତ୍ରୀ

# ୨ ଶିଶୁ ଲାଳନପାଳନ ଚିନ୍ତାରେ ସ୍ୱାମୀ


୨ ପିଲାଙ୍କ ସହ ଶମ୍ଭୁନାଥ।

**ଭୋଗରାଇ, ୩୦।୩ (ଡି.ଏନ.ଏ.)**

ଅର୍ଥ ଅଭାବରୁ ରୋଗିଣା ସ୍ତ୍ରୀଙ୍କୁ ଔଷଧ ଯୋଗାଇ ପାରିଲେନି। ଚିକିତ୍ସା ନ ମିଳିବାରୁ ରୋଗ ଜ୍ୱାଳା ସହି ନ ପାରି ଆଖି ବୁଜିଲେ ସ୍ତ୍ରୀ। ସ୍ୱାମୀ ପାଖରେ ଛାଡି ଦେଇଗଲେ ଦୁଇଟି ଶିଶୁ । ଜଣଙ୍କୁ ୪ବର୍ଷ ହୋଇଥିବା ବେଳେ ଆଉଜଣଙ୍କୁ ୪ମାସ। ଦୁଇଟି ଶିଶୁଙ୍କୁ ଲାଳନପାଳନ ଚିନ୍ତାରେ ସ୍ୱାମୀ ଶମ୍ଭୁନାଥ ଦଳାଇ ଏବେ ଭାଙ୍ଗିପଡିଛନ୍ତି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ଗଗାଁ ଗ୍ରାମରେ।

ଶମ୍ଭୁନାଥ ଦଳାଇ ଜଣେ ଦିନମଜୁରିଆ। ସେ ପରଘରେ ମୂଲ ଲାଗି ସଂସାର ଚଳାଉଥିଲେ। ତିନି ଓଳି ପେଟପୁରା ଖାଇବାକୁ ନ ପାଇବାରୁ ସ୍ତ୍ରୀ ପୁଷ୍ପବତୀଙ୍କ ଦେହ ଖରାପ ହୋଇଥିଲା। ଦିନକୁ ଦିନ ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ୧୦ କି.ମି. ଦୂର ଜଳେଶ୍ୱରପୁର ଓ କମର୍ଦ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଯାଇ ସେ ଚିକିତ୍ସା ହେଉଥିଲେ। ଏଥିରେ ସୁଫଳ ନ ମିଳିବାରୁ ତାଙ୍କ ସ୍ୱାମୀଙ୍କୁ ନିଜର କିଛି ଅଳଙ୍କାର ବିକ୍ରି କରି ଔଷଧ ଆଣିବାକୁ କହିଥିଲେ। ସେହି ଅର୍ଥରେ ଔଷଧ ମଧ୍ୟ ଖାଉଥିଲେ। ଚାରିପେଟକୁ ଦାନା ଓ ବସ୍ତ୍ର ପିନ୍ଧିବାକୁ ସମର୍ଥ ନ ଥିବା ଶମ୍ଭୁନାଥ ନିଜର ସମ୍ପତ୍ତି ବିକ୍ରି କରି ସ୍ତ୍ରୀଙ୍କ ଆରୋଗ୍ୟ ପାଇଁ ଡାକ୍ତର ପାଖକୁ ଦୌଡ଼ି ନୟାନ୍ତ ହେବା ପରେ ଶେଷରେ ଭଗବାନଙ୍କ ଉପରେ ଛାଡି ଦେଇଥିଲେ। ପର ପାଖରେ ହାତଯୋଡି ଅର୍ଥ ଯୋଗାଡ଼ କରି ସ୍ତ୍ରୀଙ୍କୁ ଆରୋଗ୍ୟ କରିବା ପାଇଁ ଶେଷଚେଷ୍ଟା କରିଥିଲେ ବି ସ୍ତ୍ରୀଙ୍କୁ ବଞ୍ଚାଇ ପାରି ନ ଥିଲେ। ଏବେ ଦୁଇ ପିଲାକୁ ନେଇ କିପରି ଲାଳନପାଳନ କରିବେ ସେଥିପାଇଁ ଚିନ୍ତାଗ୍ରସ୍ତ ହୋଇପଡିଛନ୍ତି। କୌଣସି ସହୃଦୟ ବ୍ୟକ୍ତି ତାଙ୍କୁ ସହାୟତା ଯୋଗାଇ ଦେବା ଓ ସରକାରଙ୍କଠାରେ ଆର୍ଥିକ ସାହାଯ୍ୟ ନିମନ୍ତେ ସେ ନିବେଦନ କରିଛନ୍ତି।

# 'ଶିକ୍ଷାକୁ କେବଳ ଫଳାଫଳ କୈନ୍ଦ୍ରିକ ମୂଲ୍ୟାୟନ ନକରାତ୍ମକ ପ୍ରଭାବ ପକାଏ'


ଚୁଡ଼ାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

**ଧାମନଗର,୩୦।୩(ସ୍ୱ.ପ୍ର.)**

ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ ଚୁଡ଼ାକୁଟି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୬ଷ୍ଠତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଖବରଦାତା ନରେନ୍ଦ୍ର କୁମାର ସାମଲ ଏଥିରେ ସଭାପତିତ୍ୱ କରିଥିଲେ। ଧାମନଗର ଥାନାଧିକାରୀ ବନମାଳୀ ବାରିକ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଶହୀଦ ଭଗତ ସେନା ଆବାହକ ସୀତାଂଶୁ ଶେଖର ମହାପାତ୍ର ଯୋଗଦେଇ ସାମ୍ପ୍ରତିକ ସମୟରେ ଶିକ୍ଷାକୁ କେବଳ ଫଳାଫଳ କୈନ୍ଦ୍ରିକ ମୂଲ୍ୟାୟନ କୋମଳମତି ଶିଶୁର ମସ୍ତିଷ୍କ ଉପରେ ନକରାତ୍ମକ ପ୍ରଭାବ ପକାଉଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଆନନ୍ଦପୁର ବ୍ଲକର ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ହେମେନ୍ଦ୍ର କୁମାର ମହାନ୍ତି ଯୋଗଦେଇ ଶିକ୍ଷା କ୍ଷେତ୍ରରେ ମା', ମାଟି ଓ ମାତୃଭାଷାକୁ ଛାତ୍ରୀଛାତ୍ର ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଶିକ୍ଷା ବିକାଶ ପରିଷଦ, ଉତ୍ତର ଓଡ଼ିଶା ସଂଯୋଜକ ସୁଦର୍ଶନ ପ୍ରଧାନ ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ ବିବେକାନନ୍ଦ ପଣ୍ଡା ସମ୍ପାଦକୀୟ ବିବରଣୀ ପ୍ରଦାନ, ପ୍ରଧାନ ଆଚାର୍ଯ୍ୟା ମାମିନାରାଣୀ ପାଲ ବାର୍ଷିକ ବିବରଣୀ ପାଠ ଓ ଗୁରୁଜୀ ସଞ୍ଜୟ ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଗୁରୁମା ଗୋପିକା ରାଣୀ ଦେ, ପ୍ରମିଳା ବେହେରା, ପ୍ରୀତିଜିନ୍ତା ମହାପାତ୍ର, ପଲ୍ଲୀଶ୍ରୀ ରାଉତ, ଧରିତ୍ରୀରାଣୀ ପାଗଳ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଦୁର୍ଘଟଣା ପ୍ରତିବାଦରେ ରାସ୍ତା ଅବରୋଧ

**ବୈଶିଙ୍ଗା,୩୦।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ ବୈଶିଙ୍ଗା –ରୂପସା ରାସ୍ତାର ବାମଡ଼ା ଛକ ନିକଟରେ ଟ୍ରକ୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଆହତ ଦ୍ୱୟ ହେଲେ ବୈଶିଙ୍ଗା ଥାନା ଅନ୍ତର୍ଗତ କେଶୁରା ଗ୍ରାମର ଭୀମ ମାରାଣ୍ଡି ଓ ଚିତ୍ରଡା ଅଞ୍ଚଳର ରମେଶ ହାଁସଦା। ଚିକିତ୍ସା ପାଇଁ ସେମାନଙ୍କୁ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ତେବେ ଏହି ଦୁର୍ଘଟଣା ପ୍ରତିବାଦରେ ସ୍ଥାନୀୟ ଲୋକେ ଦୀର୍ଘ ସମୟ ଧରି ରାସ୍ତା ଅବରୋଧ କରିଥିଲେ। ଖବରପାଇ ପ୍ରାକ୍ତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ଉପାଧ୍ୟକ୍ଷ ଦେବଦତ୍ତ ତିଆଡ଼ି, ଜିଲାପରିଷଦ ସଦସ୍ୟା ଧାନୀ କିସ୍କୁ ଓ ଅନ୍ୟମାନେ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା।

# ଦକ୍ଷତା ବିକାଶ ପ୍ରଶିକ୍ଷଣ ନେଲେ ୱାର୍ଡସଭ୍ୟ

**ଭଦ୍ରକ ଅଫିସ, ୩୦।୩**

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ, ଭଦ୍ରକ ଜିଲା ପରିଷଦ ଦ୍ୱାରା ଆସିଆନା ସଭାଗୃହରେ ଆୟୋଜିତ ନିର୍ବାଚିତ ୱାର୍ଡସଭ୍ୟାସଭ୍ୟଙ୍କ ଦକ୍ଷତା ବିକାଶ ପ୍ରଶିକ୍ଷଣ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା ଏହାକୁ ଉଦ୍‌ଘାଟନ କରିଥିବା ବେଳେ ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ ଉଦ୍‌ଯାପନ କରିଥିଲେ। ବ୍ଲକର ୩୬ ପଞ୍ଚାୟତରୁ ୩୦୦ରୁ ଊର୍ଦ୍ଧ୍ୱ ୱାର୍ଡସଭ୍ୟ ପ୍ରଶିକ୍ଷଣ ନେଇଛନ୍ତି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରତାପ ପ୍ରୀତିମୟ ଏବଂ ବିଡିଓ ସୀତାକାନ୍ତ ରାଉତ ଅତିଥି ଭାବେ ଯୋଗ ଦେଇଥିଲେ। ଏମ୍.ଡି. ତାଜୁଦ୍ଦିନ, ସାଧନା ନାୟକ, ସାବିତ୍ରୀ ବିଶ୍ୱାଳ, ଅନନ୍ତ ଗୋପାଳ, ମାନସୀ ଜେନା ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ତିନିଦିନିଆ ଶିବିର ସରିବା ପରେ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲା ପରିଷଦ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ରୂପାଲି ମହାପାତ୍ର ଓ ଆସିଆନାର ସମ୍ପାଦିକା ସୋଫିଆ ସେକ୍‌ଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଆସିଆନାର ରିଆଜ ଅହମ୍ମଦ, ସସ୍ମିତ ମହାନ୍ତି, ଭାଗ୍ୟଶ୍ରୀ ମହାକୁଡ଼, ବିକାଶ ରାଉତ, ପ୍ରତିମା ବଳ, କାଦମ୍ବିନୀ ଜେନା, ଶତାବ୍ଦୀ ବେଉରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଦୀପୁରରେ ସାପ୍ତାହିକ ହାଟ ଉଦ୍‌ଘାଟିତ

**ରେମୁଣା, ୩୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ରେମୁଣା ବ୍ଲକ କୁଡ଼ିଆ ପଞ୍ଚାୟତ ଅଧୀନ ବେଦୀପୁର ଗ୍ରାମ ମନ୍ଦିର ପ୍ରାଙ୍ଗଣରେ ଏକ ସାପ୍ତାହିକ ହାଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ଉତ୍କଳ ଯାଦବ ମହାସଭା ବାଲେଶ୍ୱର ଶାଖାର ସାଧାରଣ ସମ୍ପାଦକ ରବୀନ୍ଦ୍ର କୁମାର ମହାକୁଡ଼ ଉଦ୍‌ଘାଟନ କରିଛନ୍ତି। ଏହି ହାଟ ସପ୍ତାହର ପ୍ରତ୍ୟେକ ଗୁରୁବାର ଅନୁଷ୍ଠିତ ହେବ। ନାରାୟଣ ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ଆଇନଜୀବୀ ରଞ୍ଜନ କୁମାର ପାଣିଗ୍ରାହୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଏହି ହାଟ ଦ୍ୱାରା ଅଞ୍ଚଳର ବହୁଦିନର ଆଶା ପୂରଣ ହୋଇଥିବା କହିଥିଲେ। ସମ୍ମାନନୀୟ ବକ୍ତା ଭାବେ ଜଗନ୍ନାଥ ବେହେରା, ଦୟାନିଧି ବେହେରା ଯୋଗଦେଇ ଏଠାରେ ହାଟ ଖୋଲିବା ଫଳରେ ଅଞ୍ଚଳର ପରିବାର ଚାଷୀଙ୍କର ଆର୍ଥିକ ଉନ୍ନତି ହେବ ବୋଲି କହିଥିଲେ। ବହୁ ଦୂରଦୂରାନ୍ତରୁ ବେପାରୀମାନେ ଆସିଥିବାରୁ ସୁକାନ୍ତ ପ୍ରଧାନ, ୱାର୍ଡ଼ସଭ୍ୟ ରାଜେଶ ମଳିକ ସେମାନଙ୍କୁ ଧନ୍ୟବାଦ ଜଣାଇବା ସହ ସହଯୋଗ କରିଥିଲେ। ବେଦୀପୁର ଗ୍ରାମର ଯୁବକ ବିକାଶ ସାହୁ ଓ ଅଶ୍ୱିନୀ ପ୍ରଧାନ ତଥା ଗ୍ରାମର ବହୁ ଯୁବକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଗଣ।

# ମୟୂରଭଞ୍ଜ ଦାୟିତ୍ୱ ନେଲେ ପ୍ରଶାନ୍ତ

## ବିଜେଡିର ସାଙ୍ଗଠନିକ ବୈଠକ

**ବାରିପଦା ଅଫିସ,୩୦।୩**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମୟୂରଭଞ୍ଜ ଜିଲାରେ ବିଜୁ ଜନତା ଦଳର ସାଙ୍ଗଠନିକ ଦାୟିତ୍ୱ ପରିବର୍ତ୍ତନ କରାଯାଇଛି। ନୂତନ ପର୍ଯ୍ୟବେକ୍ଷକ ଭାବେ ବିଧାୟକ ପ୍ରଶାନ୍ତ ମୁଦୁଲି ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନେଇ ଏକ ବୈଠକ ଗୁରୁବାର ବାରିପଦାସ୍ଥିତ ତକତପୁରଠାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲାର ସମସ୍ତ ଉପଖଣ୍ଡ ଅଞ୍ଚଳର ନେତୃମଣ୍ଡଳୀ ଉପସ୍ଥିତ ଥିଲେ। ନୂତନ ଭାବେ ପର୍ଯ୍ୟବେକ୍ଷକ ଦାୟିତ୍ୱ ମିଳିବା ପରେ ପ୍ରଶାନ୍ତଙ୍କ ଏହା ପ୍ରଥମ ଜିଲା ଗସ୍ତ ହୋଇଥିବାରୁ ଦଳୀୟ କର୍ମୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ଜିଲାର ଯୁବ, ଛାତ୍ର ଓ ମହିଳା ନେତୃତ୍ୱମାନଙ୍କ ସହିତ ସେ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ଜିଲାରେ କିଭଳି ଦଳୀୟ ସ୍ଥିତି ଆହୁରି ସୁଦୃଢ଼ ହେବ ସେଥିପାଇଁ ସମସ୍ତ କର୍ମୀ ଅଣ୍ଟା ଭିଡ଼ି କାର୍ଯ୍ୟ କରି କରିବା ପାଇଁ ପ୍ରଶାନ୍ତ ଆହ୍ୱାନ ଦେଇଥିଲେ। ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉପସ୍ଥିତ ରହି ଦଳୀୟ ସାଙ୍ଗଠନିକ ସ୍ଥିତିକୁ ଆହୁରି ମଜବୁତ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଟାଣ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ।

ବୈଠକରେ ମହିଳା ଓ ଶିଶୁ ବିକାଶ ଓ ମିଶନ ଶକ୍ତି ବିଭାଗ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ଜିଲା ସଭାପତି ମୟୂରଭଞ୍ଜ-୧ ବିଧାୟକ ସୁଦାମ ମାରାଣ୍ଡି, ଜିଲା ସଭାପତି ମୟୂରଭଞ୍ଜ-୨ କାଶୀନାଥ ହେମ୍ବ୍ରମ, ଜିଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡା. ଦେବାଶିଷ ମାରାଣ୍ଡି, ବିଧାୟକ ରାଜକିଶୋର ଦାସ, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ରାଜ୍ୟ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ସୁବ୍ରତ ଛାଟୋଇ, ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ଶ୍ରୀନାଥ ସୋରେନ, କାଉନସିଲର ଦେବାଶିଷ ପାତ୍ର, ଜିଲା ମହିଳା ସଭାନେତ୍ରୀ ଦୀପ୍ତିଲତା ମିଶ୍ର, ଛାତ୍ର ସଭାପତି ସୁନୀଲ ନାୟକ, ଯୁବ ସଭାପତି ଅରୁଣ ବରାଡ଼ ଓ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# କେନ୍ଦୁଝରରେ ୧୭ ବ୍ଲାକ୍ ସ୍ପଟ୍

**କେନ୍ଦୁଝର,୩୦।୩(ସ୍ୱ.ପ୍ର.)**

## ୨୦୨୨ରେ ସଡ଼କ ଦୁର୍ଘଟଣାରେ ୩୪୯ ମୃତ

କେନ୍ଦୁଝର ଜିଲାର ଶତକଡ଼ା ୯୫ ଭାଗ ସଡ଼କ ଦୁର୍ଘଟଣା ଜାତୀୟ ରାଜପଥମାନଙ୍କରେ ହେଉଛି। ଅଧିକ ଦୁର୍ଘଟଣାର କାରଣ ଦୁଇ ଚକିଆ ଯାନ ସାଜିଛି। ବିଶେଷ କରି ମଦ ପିଇ, ବେପରୁଆ ଗାଡ଼ି ଚାଳନା, ଓଭରଟେକ, ବେଆଇନ ପାର୍କିଂ ଯୋଗୁ ଅଧିକ ଦୁର୍ଘଟଣା ହେଉଛି। ଜାତୀୟ ରାଜପଥ ୨୦ ଓ ୫୨୦ ( ପାଣିକୋଇଲିରୁ ରିମୁଳି ଓ ରିମୁଳିଠାରୁ ରାଜାମୁଣ୍ଡା) ର ତ୍ରୁଟିପୂର୍ଣ୍ଣ ଏବଂ ଅସମ୍ପୂର୍ଣ୍ଣ ରାସ୍ତା ଯୋଗୁ ଦୁର୍ଘଟଣା ଘଟୁଛି। ଏଭଳି କେନ୍ଦୁଝର ଜିଲାରେ ବିଭିନ୍ନ ସ୍ଥାନରେ ୧୭ଟି ବ୍ଲାକ୍ ସ୍ପଟ୍ (ଦୁର୍ଘଟଣା ପ୍ରବଣ ସ୍ଥାନ) ରହିଥିବା ଚିହ୍ନଟ ହୋଇଛି। ସେଥିରୁ ଦୁଇଟିକୁ ବନ୍ଦ କରାଯାଇଛି।

ବ୍ଲାକ୍ ସ୍ପଟ୍ ଗୁଡ଼ିକ ହେଲା ବଡବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ଛକ, ଚମ୍ପୁଆ ଥାନା ଅନ୍ତର୍ଗତ ନାରଦପୁର ଛକ, ଜାମୁଦଳକ ଆଙ୍ଗୁଳିଆ ଛକ, ଘଟଗାଁ ଥାନା ବାଲି ଯୋଡ଼ି ଛକ, ଢେଙ୍କିକୋଟ ଓଭରବ୍ରିଜ, ପିପିଳିଆ, ହରିଚନ୍ଦନପୁର ଥାନା ଆଲୁଘାଟି, ହରିଚନ୍ଦନପୁର ଓ ପଣ୍ଡାପଡ଼ା ଥାନା ଅଧୀନସ୍ଥ କୁଆଁଝରଣ ଘାଟି, କାଞ୍ଜିପାଣି ଥାନାର କୁସୁମ ଘାଟି, କାଞ୍ଜିପାଣି ଘାଟି, ସଦର ଥାନା ଅନ୍ତର୍ଗତ ବଡ଼ପଶି, ଗୋପାଳପୁର ପଦ୍ମପୁର ଛକ, ରାଇସୁଆଁ ଓଭରବ୍ରିଜ, ପଳାଶପଙ୍ଗା ଛକ, ଘଷିପୁରା ଥାନା ଅନ୍ତର୍ଗତ ଦରଖୋଲା ବୋଲି ଜଣାପଡ଼ିଛି। ସରକାରୀ ରିପୋର୍ଟ ଅନୁଯାୀ, ୨୦୨୨ ଜାନୁୟାରୀରୁ ନଭେମ୍ବର ପର୍ଯ୍ୟନ୍ତ ୬୬୯ଟି ସଡ଼କ ଦୁର୍ଘଟଣା ଘଟି ୩୪୯ଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ। ୪୬୦ଜଣ ଦିବ୍ୟାଙ୍ଗ ହୋଇଥିଲେ। ୨୦୨୧ରେ ୬୨୧ଟି ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୩୧୬ ଜଣ ପ୍ରାଣ ହରାଇଥିଲେ। ୪୯୫ଜଣ ଦିବ୍ୟାଙ୍ଗ ହୋଇଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ଇଂ ଗୋପାଳ କୃଷ୍ଣ ଦାସ କହିଛନ୍ତି, ଦୁର୍ଘଟଣା ରୋକିବା ପାଇଁ ଧରପଗଡ଼ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଆବଶ୍ୟକ ପଡ଼ିଲେ ଲାଇସେନ୍ସ, ପରମିଟ ରଦ୍ଦ କରିବା ଭଳି ପଦକ୍ଷେପ ଗ୍ରହଣ କରୁଛୁ। ଲୋକେ ସଚେତନ ହୋଇ ନିଜର ସୁରକ୍ଷା ପାଇଁ ଟ୍ରାଫିକ ନିୟମ ପାଳନ କରିବା ସହ ବିଭାଗକୁ ସହଯୋଗ କରିବାକୁ ନିବେଦନ କରିଥିଲେ।

## ବ୍ୟବସାୟୀଙ୍କ ଆତ୍ମହତ୍ୟା

**ଖୁଣ୍ଟା/ଗୋପବନ୍ଧୁ ନଗର, ୩୦।୩(ଡି.ଏନ.ଏ.)**

ଖୁଣ୍ଟା ଥାନା ଅଧୀନ ଚତୁର୍ଶିଳା ଗ୍ରାମର ବ୍ୟବସାୟୀ ରମାନନ୍ଦ ପୃଷ୍ଟି (୬୭) ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଗତ ରାତିରେ ସେ ଭୁବନେଶ୍ୱର ଯାଉଥିବା କହି ଘରୁ ବାହାରି ଆସିଥିଲେ। ଗୁରୁବାର ସକାଳେ ଘର ନିକଟରୁ ପ୍ରାୟ ୨.କି.ମି.ଦୂର ବାରଡାଙ୍ଗୁଆ ଜଙ୍ଗଲରେ ଥିବା ଏକ ଚାକୁଣ୍ଡା ଗଛରେ ତାଙ୍କ ମୃତଦେହ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧୯/୨୩) ରୁଜୁ ହୋଇଛି। ଖୁଣ୍ଟା ବଜାରରେ ରମାନନ୍ଦଙ୍କର ଏକ ତେଜରାତି ଦୋକାନ ରହିଛି। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନି।

# ନୂତନ ଫାୟାରିଂ ଶୁଟିଂ ରେଞ୍ଜ ଉଦ୍‌ଘାଟିତ

## ୧୪ ଓଡ଼ିଶା ବାଟାଲିୟନ ଏନ୍‌ସିସି

**କେନ୍ଦୁଝର, ୩୦।୩ (ଡି.ଏନ୍.ଏ/ସ୍ୱ.ପ୍ର.)**


ଅଧିକାରୀମାନଙ୍କ ସହ ଏନ୍‌ସିସି କ୍ୟାଡେଟସ୍।

କେନ୍ଦୁଝର ଜିଲା ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ଅବସ୍ଥିତ ୧୪ ଓଡ଼ିଶା ବାଟାଲିୟନ ଏନସିସିର ସ୍ଥାୟୀ ଶୁଟିଂ ରେଞ୍ଜ (୫୦ମି.) ଗୁରୁବାର ଉଦ୍‌ଘାଟିତ ହୋଇଛି। ଗ୍ରୁପ ହେଡକ୍ୱାର୍ଟର ସମ୍ବଲପୁରର ଗ୍ରୁପ କମାଣ୍ଡର କର୍ଣ୍ଣେଲ ଅମିତାଭ ରାୟ ଉଦ୍‌ଘାଟନ କରି ରାଜ୍ୟ ଓ ଜାତୀୟସ୍ତରୀୟ ଫାୟାରିଂ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଏହିଠାରେ କ୍ୟାଡେଟସ ଅଭ୍ୟାସ କରିବାର ସୁଯୋଗ ପାଇବେ ବୋଲି ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମାଣ୍ଡିଂ ଅଫିସର ଲେଫ୍ଟନାଣ୍ଟ ଏମ. ଚନ୍ଦ୍ର ଶେଖର ରାଓ ଏବଂ ଡିଡି କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ ନରେନ୍ଦ୍ର ସାହୁ ଯୋଗଦେଇ ଏହି ଶୁଟିଂ ରେଞ୍ଜ କ୍ୟାଡେଟସଙ୍କ ପାଇଁ ବହୁତ ସହାୟକ ହେବ ବୋଲି କହିଥିଲେ। ମେଜର ଉପେନ୍ଦ୍ର ନାଥ ମହାନ୍ତ, ଲେଫ୍ଟନାଣ୍ଟ ସଲମା କିସ୍କୁ, ସୁବେଦାର ମେଜର ଲକ୍ଷ୍ମୀ ନାରାୟଣ, ଏନସିସି ଅଫିସର ବିଜୟ ବେହେରା, ସୁରେନ୍ଦ୍ର ପଇଡା, ସୁବେଦାର ସୁରେଶ ତିୱାରୀ, ହାବିଲଦାର ଗଣେଶ ଚନ୍ଦ୍ରା, ବିଜୟ କଙ୍ଗାରୀ, ରାଜୀବ ଗୁପ୍ତା, ନୂତନ ସାହୁ, ଭୂପେନ୍ଦ୍ର ସିଂ, ମାର୍କସ ଲକଡ଼ା, କେଜେ ରାଓ ପ୍ରମୁଖ କ୍ୟାଡେଟସଙ୍କ ଫାୟାରିଂ ଅଭ୍ୟାସରେ ସହଯୋଗ କରିଥିଲେ।

## ବୃଦ୍ଧାଙ୍କୁ ବଳାତ୍କାର ଅଭିଯୋଗ

ନୀଳଗିରି, (ସ୍ୱ.ପ୍ର.)-ବାଲେଶ୍ୱର ଜିଲା ନୀଳଗିରି ଥାନା ଅଞ୍ଚଳରେ ଜଣେ ବୃଦ୍ଧାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଘରେ କେହି ନ ଥିବା ସୁଯୋଗ ନେଇ ତାଙ୍କ ପଡୋଶୀ ଜଣେ ୬୦ ବର୍ଷୀୟ ବୃଦ୍ଧ ବଳାତ୍କାର କରିଥିବା ଅଭିଯୋଗ ହେଉଛି। ଗତ ହୋଲି ଦିନ ଏହି ଘଟଣା ଘଟିଥିବା ବେଳେ ବୃଦ୍ଧାଜଣକ ଏହାର ୪/୫ ଦିନ ପରେ ଘଟଣା ବିଷୟରେ ଝିଅ ଜ୍ୱାଇଁଙ୍କୁ ଜଣାଇଥିଲେ। ଗାଁରେ ସମାଧାନ ନ ହେବାରୁ ନୀଳଗିରି ଥାନାରେ ଦ୍ୱାରସ୍ଥ ହୋଇଛନ୍ତି ବୃଦ୍ଧା ଓ ଝିଅ ଜ୍ୱାଇଁ। ନୀଳଗିରି ପୋଲିସ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚୁରା କରୁଛି।

## ସଂକ୍ଷେପରେ

### ମୃତଦେହ ଜବତ କରିବାକୁ ଯାଇଥିବା ପୋଲିସଙ୍କୁ ଆକ୍ରମଣ

### ଡ୍ରାଇଭର ସମେତ ୩ ଆହତ

ଭୋଗରାଇ, ୩୦।୩ (ଡ଼ି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଟୁକୁରୀହାଜିରା ବାଗପଞ୍ଚର ପାହିଠାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ କରିବାକୁ ଯାଇ ସ୍ଥାନୀୟ ଲୋକଙ୍କ ଆକ୍ରୋଶର ଶିକାର ହୋଇଛନ୍ତି ପୋଲିସ କର୍ମଚାରୀ। ଲୋକଙ୍କ ଆକ୍ରମଣରେ ଡ୍ରାଇଭରଙ୍କ ସମେତ ୩ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ଉତ୍ତେଜନା ଲାଗି ରହିଥିବାବେଳେ ବାଲେଶ୍ୱରରୁ ଅଧିକ ପୋଲିସ ଫୋର୍ସ ଆସି ମୁତୟନ ହୋଇଛନ୍ତି।

ଭୋଗରାଇ ଥାନା ଟୁକୁରୀହାଜିରା ଅଞ୍ଚଳର ଚିଙ୍ଗୁଡ଼ିଘେରିରେ କାର୍ଯ୍ୟରତ ମୟୂରଭଞ୍ଜ ଜିଲା ବୈଶିଙ୍ଗା କଞ୍ଚରପଡା ଅଞ୍ଚଳର ସଦନ ବେହୁରା ରଣକୋଠା ଗ୍ରାମର ପ୍ରିୟଙ୍କା ପାତ୍ରଙ୍କୁ ପ୍ରେମ ବିବାହ କରି ଶ୍ୱଶୁର ଘରେ ରହୁଥିଲେ। ଦମ୍ପତିଙ୍କ ମଧ୍ୟରେ କଳହ ଲାଗିରହୁ ଥିବାବେଳେ ସଦନ ବୁଧବାର ବିଳମ୍ବିତ ରାତିରେ ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଗୁରୁବାର ଝୁଲନ୍ତା ମୃତଦେହ ଦେଖି ସ୍ଥାନୀୟ ଲୋକେ ଏକାଠି ହୋଇଥିଲେ। ସଦନଙ୍କୁ ତାଙ୍କ ସ୍ତ୍ରୀ ଓ ବାପଘର ଲୋକେ ହତ୍ୟା କରିଥିବା ଅଭିଯୋଗ କରି ସଦନଙ୍କ ସ୍ତ୍ରୀ ପ୍ରିୟଙ୍କାଙ୍କୁ ମଧ ନିସ୍ତୁକ ମାଡ ମାରିଥିଲେ। ପୋଲିସ ଘଟଣାସ୍ଥଳକୁ ଯାଇଥିବା ବେଳେ ସ୍ଥାନୀୟ ଲୋକେ ପୋଲିସଙ୍କୁ ଘେରିଯାଇ ଢେଲାମାଡ ଓ ଠେଲାପେଲା କରି ଆହତ କରିଥିବା ଅଭିଯୋଗ ହୋଇଛି। ଆହତ ଡ୍ରାଇଭର ବାଟଗ୍ରାମର ଗୋପାଳ ଦାସ ଜଳେଶ୍ୱରପୁର ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଖବରଲେଖା ହେବା ପର୍ଯ୍ୟନ୍ତ ପୋଲିସ ସ୍ଥାନୀୟ ପ୍ରତିନିଧିଙ୍କ ଉପସ୍ଥିତିରେ ମୃତଦେହକୁ ଜବତ କରିବା ସହ ପ୍ରିୟଙ୍କାଙ୍କୁ କୌଶଳକ୍ରମେ ସେଠାରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଉଛନ୍ତି।

### ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପ୍ରଶିକ୍ଷଣ



ଔପଦା, ୩୦।୩(ସ୍ୱ.ପ୍ର.)-ଔପଦା ବ୍ଲକ ସଭାଗୃହରେ ରାଜ୍ୟସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ଜିଲା ପ୍ରଶାସନ ଆନୁକୂଲ୍ୟରେ ସଚେତନତା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧ୍ୟକ୍ଷା ବିସିବିସ୍ୱା ପାତ୍ର, ଉପାଧ୍ୟକ୍ଷ ପ୍ରଭାକର ସାହୁ, ତହସିଲଦାର ସତ୍ୟବାନ ନାୟକ, ବିଡ଼ିଓ ଅଭିଷେକ ଦାଶ, ଜିଲା ସଂଯୋଜକ ଅପୂର୍ବ ରାୟ, ଜିଲା ପରିଷଦ ସଭ୍ୟା ମୁନି ସିଂ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗୀୟ ଅଧିକାରୀ ଏବଂ ସରପଞ୍ଚ, ସମିତିସଭ୍ୟମାନେ ଉପସ୍ଥିତ ରହି ସରକାରଙ୍କ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଙ୍ଗଲ, ପାନୀୟଜଳ, ମତ୍ସ୍ୟ, ଭୀମଭୋଇ ସାମର୍ଥ୍ୟ ଶିବିର ସମ୍ପର୍କରେ ଆଲୋଚନା କରିଥିଲେ।

# ମହିଳାଙ୍କ ମୃତ୍ୟୁ ପରେ ଉତ୍ତେଜନା

### ଶାଳଦେଇ ବାଲିଘାଟ ବିବାଦ

### ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କୁ ଗିରଫ ଦାବି

ଆନନ୍ଦପୁର,୩୦।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଅଧୀନ ଶାଳଦେଇ ବାଲିଘାଟକୁ କେନ୍ଦ୍ର କରି ମହିଳାଙ୍କ ମୃତ୍ୟୁ ପରେ ଅଞ୍ଚଳରେ ଉତ୍ତେଜନା ଲାଗି ରହିଛି। ମୃତକଙ୍କ ପରିବାର ଲୋକେ ଘଟଣାରେ ସମ୍ପୃକ୍ତ ଘସିପୁରା ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କୁ ଗିରଫ ଦାବି କରିଛନ୍ତି।

ସୂଚନା ଅନୁଯାୟୀ, ଗତ ୨୨ ତାରିଖରେ ବାଲିଘାଟରୁ ଭାରିଯାନ ଦ୍ୱାରା ବାଲିଚାଲାଣ ସମୟରେ ବିରୋଧର ସୂତ୍ରପାତ ହୋଇଥିଲା। ଗ୍ରାମର ନବଘନ ଜେନାଙ୍କ ସ୍ତ୍ରୀ ମଲ୍ଲି ଜେନା (୫୮) ବିରୋଧ ସମୟରେ ମରଣାନ୍ତକ ଆକ୍ରମଣର ଶିକାର ହୋଇଥିଲେ। କଟକ ବଡ଼ ମେଡିକାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ବୁଧବାର ମୃତ୍ୟୁ ହୋଇଥିଲା। ଆକ୍ରମଣରେ ଘସିପୁରା ବ୍ଲକ୍ ଅଧ୍ୟକ୍ଷାଙ୍କ ସ୍ୱାମୀଙ୍କ ସମେତ ୪ ଜଣଙ୍କ ନାମରେ ଥାନାରେ ମାମଲା ମଧ୍ୟ ରୁଜୁ ହୋଇଥିଲା। ପୋଲିସ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାରେ ପାତରଅନ୍ତର ନୀତି ଆପଣାଉଥିବା ଅଭିଯୋଗ କରି ୨୦ ନଂ ଜାତୀୟ ରାଜପଥର ସୁଆଁପଦା ଛକଠାରେ ବୁଧବାର ରାତିରେ ମୃତଦେହ ରଖି ପରିବାର ଲୋକେ ରାସ୍ତା ଅବରୋଧ କରିଥିଲେ। ଆନନ୍ଦପୁର ଏସ୍‌ଡିପିଓଙ୍କ ସହିତ ରାମଚନ୍ଦ୍ରପୁର, ଆନନ୍ଦପୁର, ଘସିପୁରା ଥାନା ଅଧିକାରୀ ପୁଲିସ ଫୋର୍ସ ସହିତ ଉପସ୍ଥିତ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ବାଲିଘାଟକୁ କେନ୍ଦ୍ର କରି ଏଭଳି ଘଟଣାର ସୂତ୍ରପାତ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ପ୍ରଶାନ୍ତ ବେହେରା ପ୍ରକାଶ କରିଛନ୍ତି।

# ଉଡ଼ିଗଲା ବିଦ୍ୟାଳୟର ଟିଣ ଛପର

ପାଟଣା,୩୦।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ସାହାରପଡ଼ା ବ୍ଲକ୍ ଦାମାହୁଡା ପଞ୍ଚାୟତ ଅଞ୍ଚଳରେ ଗୁରୁବାର ଅପରାହ୍ନରେ କାଳ ବୈଶାଖୀ ପ୍ରଭାବରେ ପ୍ରବଳ ବର୍ଷା ପବନ ଓ କୁଆପଥର ମାଡ଼ ହୋଇଛି। ପବନରେ ୫-ଟିରେ ରୂପାନ୍ତରିତ ହୋଇଥିବା ଗୋଜାପଥର ସରକାରୀ ଉଚ୍ଚ ବିଦ୍ୟାଳୟର ଟିଣ ଛପର ଉଡ଼ିଯାଇଛି। ବିଦ୍ୟାଳୟ ଛୁଟି ଥିବାରୁ ଏକ ବଡ଼ଧରଣର ଦୁର୍ଘଟଣା ଟଳି ଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ରୂପାନ୍ତରିତ ହୋଇଥିବା ଶ୍ରେଣୀ ଗୃହର ଟିଣ ଛାଉଣୀ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବାରୁ ଏଭଳି ହୋଇଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏଥିସହ ପାଟଣା ବ୍ଲକ୍ ମିରିଖୋଜି ପଞ୍ଚାୟତ ସହ କେତେକ ଅଞ୍ଚଳରେ କୁଆପଥର ବୃଷ୍ଟି ହୋଇଛି। ଏହା ଫଳରେ ପନିପରିବା ଫସଲ ନଷ୍ଟ ହୋଇଯାଇଛି।

# ବଜରଙ୍ଗ ସେନା ପକ୍ଷରୁ ଝଣ୍ଡା ପୂଜନ

ପାଟଣା,୩୦।୩(ସ୍ୱ.ପ୍ର.)

ଶ୍ରୀରାମ ନବମୀ ଅବସରରେ ଗୁରୁବାର କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ପାଟଣା ପଞ୍ଚାୟତ ସ୍ୱାମ ଛକସ୍ଥିତ ହନୁମାନ ମନ୍ଦିରରେ ବଜରଙ୍ଗ ସେନା ପକ୍ଷରୁ ଶ୍ରୀରାମଙ୍କ ଝଣ୍ଡା ପୂଜନ ହୋଇଥିଲା। ପରେ ଝଣ୍ଡା ଓ ଶ୍ରୀରାମଙ୍କ ପ୍ରତିକୃତୀ ନେଇ ସୁସଜ୍ଜିତ ରଥରେ ପିଲା ମାନେ ଶ୍ରୀ ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ପରିପାଟିରେ ଭୂଷିତ ହୋଇ ପାଟଣା ବଜାର ପରିକ୍ରମା କରି ଆନନ୍ଦେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଥିବା ଶ୍ରୀରାମ ମନ୍ଦିରରେ ପହଞ୍ଚିଥିଲା। ପରୁଆର ବିଶ୍ୱ ହିନ୍ଦୁ ପରିଷଦ, ଓଡ଼ିଶା ପୂର୍ବ ପ୍ରାନ୍ତ ସମ୍ପର୍କ ପ୍ରମୁଖ ମଦନ ମୋହନ ଦ୍ୱିବେଦୀ, ଜିଲା ଭାଜପା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ଜିଲା ଭାଜପା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ଶବୀର ଦାଶ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ଖଣ୍ଡ ସଂଘ ଚାଳକ କାଳୀଚରଣ ମହାନ୍ତ, ଧର୍ମ ଜାଗରଣ ସମିତିର ଜିଲା ସଂଯୋଜକ ବିରଞ୍ଚି ମହାନ୍ତ, ଦୁର୍ଗା ଚରଣ ନାଏକ, ଭରତ ଚନ୍ଦ୍ର ମହାନ୍ତ, ଅଜୟ ଭଞ୍ଜ, ସୁଜିତ ଦାଶ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# 'ଜଗତ୍‌ଜନନୀ' ଖୋଲିଲା ନଳକୂପ

### ପଇଦାପାଟଣା ବିଦ୍ୟାଳୟରେ ଦୂରହେଲା ପାଣି ସମସ୍ୟା

କେନ୍ଦୁଝର,୩୦।୩(ସ୍ୱ.ପ୍ର)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ଅନ୍ତର୍ଗତ ପଇଦାପାଟଣା ପ୍ରକଳ୍ପ ବିଦ୍ୟାଳୟରେ ବହୁ ବର୍ଷ ଧରି ଲାଗି ରହିଥିବା ପିଇବା ପାଣି ସମସ୍ୟା ଦୂର ହୋଇଛି। ଜଗତ୍‌ଜନନୀ ସେବା ଟ୍ରଷ୍ଟ ପକ୍ଷରୁ ସ୍କୁଲ ପରିସରରେ ଏକ ନଳକୂପ ଖୋଳାଯାଇଛି। ବିଦ୍ୟାଳୟରେ ପିଇବା ପାଣି ପାଇଁ ବ୍ୟବସ୍ଥା ନ ଥିବାରୁ ମଧ୍ୟାହ୍ନ ଭୋଜନ ରାନ୍ଧିବା ଏବଂ ଛାତ୍ରଛାତ୍ରୀଙ୍କୁ ପିଇବା ପାଣି ପାଇଁ ସମସ୍ୟା ରହୁଥିଲା। ପ୍ରକାଶ ଯେ, ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୭୮ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ପରିସରରେ ଥିବା ନଳକୂପ ଗତ ୧ ବର୍ଷ ହେବ ଖରାପ ହୋଇଯାଇଛି। ସ୍କୁଲ କର୍ମଚାରୀମାନେ ଗାଁରୁ ଅନେକ ସମୟରେ ପାଣି ଆଣି ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିଥାନ୍ତି। ପାଣି ସମସ୍ୟା ନେଇ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ଘଟଗାଁ ବିଡିଓ, ସରପଞ୍ଚ ଏବଂ ଘଟଗାଁ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ସମାଧାନ ହୋଇ ପାରି ନ ଥିଲା। ଏଭଳି ସମ୍ବେଦନଶୀଳ ଘଟଣା ନଜରକୁ ଆସିବା ପରେ ଚମ୍ପୁଆର ପୂର୍ବତନ ବିଧାୟକ ସନାତନ ମହାକୁଡ଼ଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ଜନନୀ ସେବା ଟ୍ରଷ୍ଟ ପକ୍ଷରୁ ସ୍କୁଲ ପରିସରରେ ଏକ ନଳକୂପ ଖୋଳାଯାଇଛି। ନଳକୂପ ସଫଳତାର ସହ ଖୋଳାଯିବା ପରେ ଗ୍ରାମବାସୀ, ସ୍କୁଲ ପରିଚାଳନା କମିଟି ପକ୍ଷରୁ ଟ୍ରଷ୍ଟର କାର୍ଯ୍ୟକର୍ତ୍ତାଙ୍କ ସମେତ ପୂର୍ବତନ ବିଧାୟକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।



ଟ୍ରଷ୍ଟର ସଦସ୍ୟ ଓ ଛାତ୍ରୀଛାତ୍ରମାନେ।

# ୧୦ରେ ରାଇରଙ୍ଗପୁର ବନ୍ଦ

### ଜିଲା ଗଠନ ଦାବି

ରାଇରଙ୍ଗପୁର,୩୦।୩(ଡି.ଏନ.ଏ)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁରକୁ ସ୍ୱତନ୍ତ୍ର ଜିଲା ମାନ୍ୟତା ଦାବି ନେଇ ବୁଧବାର ସ୍ଥାନୀୟ ପିସିଏମ୍ କଲ୍ୟାଣ ମଣ୍ଡପ ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ଅକ୍ଷୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଜିଲା ଗଠନ ଦାବି ସମ୍ପର୍କୀତ ରଣନୀତି ଉପରେ ଆଲୋଚନା କରାଯାଇଥିଲା। ନୂତନ ଜିଲା ଗଠନ ଦାବି ନେଇ ଆସନ୍ତା ଏପ୍ରିଲ ୧୦ ତାରିଖରେ ରାଇରଙ୍ଗପୁର ସବଡିଭିଜନରେ ୧୨ଘଣ୍ଟିଆ ବନ୍ଦ ପାଳନ କରାଯିବ ବୋଲି ଏହି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ କ୍ରିୟାନୁଷ୍ଠାନ କମିଟିର ସଦସ୍ୟ, ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଯୋଗଦେଇଥିଲେ ।

# ଢେଙ୍କିକୋଟରେ ୩୧ତମ ରାମନବମୀ ମହୋତ୍ସବ



ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ଢେଙ୍କିକୋଟ,୩୦।୩(ଡି.ଏନ.ଏ)

କେନ୍ଦୁଝର ଜିଲା ଢେଙ୍କିକୋଟ ରାମନବମୀ ପୂଜା କମିଟିର ୩୧ତମ ରାମନବମୀ ମହୋତ୍ସବ ଯୁଗପୁରୁଷ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମଦିନରେ ପାଳିତ ହୋଇଯାଇଛି। ଶତାଧିକ ମହିଳା, ଯୁବତୀ ଓ ଯୁବକମାନେ ଗ୍ରାମ ଦେଶବନ୍ଧରୁ ୧୦୮ କଳସ ଆଣିଥିଲେ। କଳସ ସ୍ଥାପନ ପରେ ସୂର୍ଯ୍ୟ ପୂଜା, ଅଗ୍ନି ସ୍ଥାପନ, ମହାଦ୍ୱୀପ ପ୍ରଜ୍ୱଳନ, ମହାସ୍ନାନ, ଚକ୍ଷୁ ଦାନ ଏବଂ ଷୋଡ଼ସ ଉପଚାର ପୂଜା ହୋଇଥିଲା। ମହୋତ୍ସବ ତିନି ଦିନ ବ୍ୟାପି ଚାଲିବ, ପ୍ରତ୍ୟେହ ବିଧିବଧ ପୂଜାପାଠ ସାଙ୍ଗକୁ ହୋମଯୋଜ୍ଞ ଲାଗି ରହିବ ବୋଲି ମୁଖ୍ୟ ପୂଜକ ହରେକୃଷ୍ଣ ତ୍ରିପାଠୀ ପ୍ରକାଶ କରିଛନ୍ତି। ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ଜନଜାତି କମିଶନର ସଦସ୍ୟ ଅନନ୍ତ ନାୟକ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ରାଣୀ ସୁନନ୍ଦିନୀ, ଘଟଗାଁ ତହସିଲଦାର ଜନକ ନାୟକ, ସାମାଜିକକର୍ମୀ ଗୋପୀନାଥ ରାମ ଯୋଗଦେଇଥିଲେ। କମିଟି ସଭାପତି ରାଜକିଶୋର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟି ସମ୍ପାଦକ ମକରଧ୍ୱଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ରାସ୍ତାକଡ଼ରୁ ଉଦ୍ଧାର ବୃଦ୍ଧାଙ୍କ ମୃତ୍ୟୁ

### ୨୪ ଘଣ୍ଟା ପରେ ହେଲା ଶବ ବ୍ୟବଚ୍ଛେଦ

ମୋରଡା,୩୦।୩(ଡି.ଏନ.ଏ.)

ଅସହାୟ ଅବସ୍ଥାରେ ରାସ୍ତା କଡ଼ରୁ ଉଦ୍ଧାର ହୋଇଥିବା ଜଣେ ବୃଦ୍ଧାଙ୍କର ବୁଧବାର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ମୃତା ବୃଦ୍ଧା ଜଣକ ହେଲେ ଭୈରଙ୍ଗିଶୋଳ ଗ୍ରାମର ଝାନ ମାରାଣ୍ଡି(୬୫)। କେହି ସମ୍ପର୍କୀୟ ନ ଆସିବାରୁ ଡାକ୍ତରଖାନାରେ ୨୪ ଘଣ୍ଟା ଧରି ମୃତଦେହ ପଡ଼ି ରହିଥିଲା। ପରେ ତାଙ୍କ ଭଉଣୀ ଏବଂ ଭିଣୋଇ ପହଞ୍ଚିବାରୁ ଗୁରୁବାର ଶବ ବ୍ୟବଚ୍ଛେଦ ହୋଇଥିଲା।

ସୂଚନା ଅନୁଯାୟୀ, ଗତ ୨୫ ତାରିଖରେ ମୋରଡ଼ା ଥାନା ଅଧୀନ ଜୁଆଳିଭଙ୍ଗା ଗ୍ରାମ ପାଟରାସାହି ରାସ୍ତା ପାର୍ଶ୍ୱରେ ଝାନ ଅସହାୟ ଅବସ୍ଥାରେ ପଡ଼ି ରହିଥିଲେ। କେତେଜଣ ସ୍ୱେଚ୍ଛାସେବୀ ମୋରଡ଼ା ପୋଲିସ ସହଯୋଗରେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ କିଶାନତାଣ୍ଡି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ପିଆର୍‌ଏମ୍ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ତାଙ୍କର ମୃତ୍ୟୁ ହୋଇଥିଲା। ଏନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୯/୨୩) ରୁଜୁ ହୋଇଛି।

# ଜଉକଣ୍ଢେଇ ନିର୍ମାଣ ଶୁଭାରମ୍ଭ

ବାଲେଶ୍ୱର ଅଫିସ, ୩୦।୩

ବାଲେଶ୍ୱର ସହର ବାମପଦାସ୍ଥ ଜଉକଣ୍ଢେଇ ଗାଁରେ ରାମନବମୀ ଅବସରରେ ଗୁରୁବାର ଜଉକଣ୍ଢେଇ ନିର୍ମାଣର ଶୁଭାରମ୍ଭ ହୋଇଛି। ପବିତ୍ର ତ୍ରିବେଣୀଶ୍ୱର ପୀଠର ମଠାଧୀଶ ବାବାଜୀ ଦୟାନନ୍ଦ ଦାସଙ୍କ ଦ୍ୱାରା ପୂଜା କରାଯାଇ ତ୍ରିବେଣୀ ତୀର୍ଥର ମାଟି ଓ ଜଳକୁ ନେଇ ଯୋଗୀ ନିରଞ୍ଜନ ଗିରି ପହଞ୍ଚିଥିଲେ। ଜଉକଣ୍ଢେଇ ଶିଳ୍ପୀମାନଙ୍କ ଦ୍ୱାରା ପାରମ୍ପରିକ ବିଧିରେ ପୂଜା କରାଯାଇ ଚଳିତବର୍ଷର ଲାବଣ୍ୟବତୀ ଓ ଚନ୍ଦ୍ରଭାନୁ ଜଉକଣ୍ଢେଇ ନିର୍ମାଣ ଉଦ୍‌ଘାଟନ କରାଯାଇଥିଲା।

ଜଉକଣ୍ଢେଇ ବାହାଘର ଉତ୍ସବ କମିଟି କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ପାତ୍ର ସଭାପତିତ୍ୱ କରିଥିବା ବେଳେ ଅଖିଳ ମହିଳା ମାରୁଆଡି ମଞ୍ଚର ସଭାପତି ଅଞ୍ଜୁ ସରାଓଗୀ ମୁଖ୍ୟଅତିଥି ଭାବରେ ଉପସ୍ଥିତ ହୋଇଥିଲେ। ଆବାହକ ଶିଳ୍ପୀ କେଶୁଦାସ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ସମ୍ପାଦକ ଡ. ଗୋପାଳ ଆଭିମୁଖ୍ୟ ଓ ତଥ୍ୟ ପ୍ରଦାନ କରିଥିଲେ। କର୍ମକର୍ତ୍ତା ବ୍ରହ୍ମନାଥ ରଥ, ରାଜେଶ ଗିରି, ରଘୁନାଥ ଲେଙ୍କା, ସୁରେଶ ପାଣିଗ୍ରାହୀ, ଅଜୟ ଆଚାର୍ଯ୍ୟ, ବ୍ୟମନାଥ ରଥ, ମଧୁସୂଦନ ଦାସ, ସନ୍ତୋଷ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ରାଜ୍ୟ ପୁରସ୍କାରପ୍ରାପ୍ତ ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସ, ବାମପଦା ଜଉକଣ୍ଢେଇ ପ୍ରଡ୍ୟୁସର ଗ୍ରୁପର ଉଦ୍ୟୋଗ ମିତ୍ର ଫୁଲମଣୀ ସୋରେନ, ସଭାପତି ଅନିତା ସିଂ, ସମ୍ପାଦିକା ଗେହ୍ଲାମଣି ମାରାଣ୍ଡି, କାରିଗର ରାକେଶ ବେହେରା, ଅରୁଣ ବାରିକ ସହ ୩୦ରୁ ଊର୍ଦ୍ଧ୍ୱ ଜଉକଣ୍ଢେଇ ଶିଳ୍ପୀ ଯୋଗ ଦେଇଥିଲେ।



ଜଉକଣ୍ଢେଇ ନିର୍ମାଣ ଶୁଭାରମ୍ଭ କରାଯାଉଛି।

# ଶ୍ରୀରାମ ସେନା ପକ୍ଷରୁ ଶୋଭାଯାତ୍ରା

ସୋର, ୩୦।୩(ଡି.ଏନ.ଏ.)

ରାମନବମୀ ଉପଲକ୍ଷେ ସୋରରେ ଶ୍ରୀରାମ ସେନା ପକ୍ଷରୁ ଏକ ବିରାଟ ଶୋଭାଯାତ୍ରା ପୌରପାଳିକା ଅଧୀନ ଷ୍ଟ୍ରକଚର ପଡିଆରୁ ବାହାରି ସହର ପରିକ୍ରମା କରି ରାଇପୁର ହନୁମାନ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ଏହି ଶୋଭାଯାତ୍ରାରେ ବିଭିନ୍ନ କମିଟି ତରଫରୁ ୩୬ଟି ମେଢ଼ ସାମିଲ ହୋଇଥିଲା। ମାଜିଷ୍ଟ୍ରେଟ ଭାବରେ ସୋର ତହସିଲଦାର ବସନ୍ତ କୁମାର ସାହାଣୀ ଉପସ୍ଥିତ ଥିବା ବେଳେ ବାଲେଶ୍ୱର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅମରେଶ କୁମାର ପାଣିଗ୍ରାହୀଙ୍କ ନେତୃତ୍ୱରେ ଡିଏସ୍‌ପି ବ୍ରଜ ପ୍ରଧାନ, ସଦର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା, ସୋର ଥାନା ଆଇଆଇସି ସୁଜାତା ଖମାରୀ, ଔପଦା ଆଇଆଇସି କମଳିନୀ ତାଣ୍ଡି , ସିମୁଳିଆ ଆଇଆଇସି ଅଜୟ କୁମାର ମୁର୍ମୁ, ଖନ୍ତାପଡା ଆଇଆଇସି ବିମଳ ନାୟକଙ୍କ ସମେତ ୩ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ଶୋଭାଯାତ୍ରା, ସଂକୀର୍ତ୍ତନରେ ବିଭୋର ହେଲେ ଭକ୍ତ

ବାଙ୍ଗିରିପୋଷି/ଉଦଳା/ ଗୋପବନ୍ଧୁ ନଗର/ମୋରଡ଼ା/କରଞ୍ଜିଆ/ ରାଇରଙ୍ଗପୁର,୩୦।୩(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲାର ବିଭିନ୍ନ ସ୍ଥାନରେ ରାମ ନବମୀ ପାଳିତ ହୋଇଯାଇଛି। ଭଜନ, କୀର୍ତ୍ତନ, ଶୋଭାଯାତ୍ରା ସାଙ୍ଗକୁ ପ୍ରଭୁ ଶ୍ରୀରାମଙ୍କ ପୂଜାର୍ଚ୍ଚନାରେ ବିଭୋର ହୋଇପଡ଼ିଥିଲେ ଭକ୍ତ। ଜୟ ଶ୍ରୀରାମ ଧ୍ୱନୀରେ କମ୍ପି ଉଠିଥିଲା ଅଞ୍ଚଳ।

ବାଙ୍ଗିରିପୋଷି ଦୁର୍ଗାମଣ୍ଡପଠାରେ ସପ୍ତମ ବାର୍ଷିକ ଶ୍ରୀରାମ ନବମୀ ପୂଜାର୍ଚ୍ଚନା ଦେଖିବା ପାଇଁ ଭକ୍ତଙ୍କ ଭିଡ଼ ଜମିଥିଲା। ଅପରାହ୍ନରେ ଶତାଧିକ ଭକ୍ତ ସଂକୀର୍ତ୍ତନର ତାଳେ ତାଳେ ଶ୍ରୀରାମଙ୍କ ପ୍ରତିମୂର୍ତ୍ତି ଓ ଝଣ୍ଡା ସହ ବଜାର ପରିକ୍ରମା କରିଥିଲେ। ବ୍ଲକର ଚନ୍ଦନପୁର,ଯୋଗୀବନ୍ଧ,ବୁଡାମରା ଓ ଶିଶୁ ବିଦ୍ୟାମନ୍ଦିର ପ୍ରଭୃତି ସ୍ଥାନରେ ପ୍ରଭୁ ଶ୍ରୀରାମ ଓ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା। ଉଦଳା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସାଇ ଦରବାର, ବାସନ୍ତୀ ମଣ୍ଡପ ସମେତ ହନୁମାନ ମନ୍ଦିରରେ ରାମ ନବମୀ ପାଳିତ ହୋଇଯାଇଛି। ଉଦଳା-କପ୍ତିପଦା ରାସ୍ତାର ପୁରୁଣାପାଣିଠାରେ ଥିବା ରାମ ମନ୍ଦିରକୁ ସକାଳୁ ଶ୍ରଦ୍ଧାଳୁମାନେ ଏକ ବିଶାଳ ଶୋଭାଯାତ୍ରାରେ ଯାଇଥିଲେ। ସେହିପରି ଏନ୍‌ଏସି ୧ନଂ. ୱାର୍ଡରେ ଥିବା ଶିରିଡି ସାଇଙ୍କ ମନ୍ଦିରରେ ରାମ ନବମୀ ଉତ୍ସବ ପାଳିତ ହୋଇଥିଲା। ଗୋପବନ୍ଧୁ ନଗର ବ୍ଲକ ଆରପଟା ପଞ୍ଚାୟତ ଖିରିପଦା ଗ୍ରାମର ଶ୍ରୀରାମ ମନ୍ଦିର, ଖୁଣ୍ଟା ମହାବୀର ହନୁମାନଙ୍କ ମନ୍ଦିର, ପୁରୁଣା ବାରିପଦା ପଞ୍ଚାୟତସ୍ଥିତ ଗଡିଆମାଳଠାରେ ଥିବା ହନୁମାନ ମନ୍ଦିର, କୁଆମରା ସାରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ରାମ ନବମୀ ପାଳିତ ହୋଇଯାଇଛି। ମୋରଡା ବ୍ଲକ ଚିତ୍ରଡ଼ା ବସଷ୍ଟାଣ୍ଡରେ ଥିବା ହନୁମାନ ମନ୍ଦିର, ଶିବ ମନ୍ଦିର, ମୋରଡାରମାଳିହତାରେ ଥିବା ହନୁମାନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା । ଚିତ୍ରଡ଼ା ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀଛାତ୍ରୀମାନେ ରାମ, ଲକ୍ଷ୍ମଣ, ସୀତା ଏବଂ ହନୁମାନ ବେଶରେ ସଜ୍ଜିତ ହୋଇ ବଜାର, ଶୀର୍ଷାପାଳ ଛକ ପରିକ୍ରମା କରିଥିଲେ। ସନ୍ଧ୍ୟା ସମୟରେ ବଜରଙ୍ଗୀ ସେନା ତରଫରୁ ବାଇକ୍ ଶୋଭାଯାତ୍ରା କରାଯାଇଥିଲା ରାମ ନବମୀ ଅବସରରେ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟ କର୍ମଚାରୀଙ୍କ ମିଳିତ ଉଦ୍ୟମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ମୁଖ୍ୟଅତିଥି ଭାବେ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ଅନିତା ସିଂ ଉଦ୍‌ଘାଟନ କରିଥିଲେ। ରାଇରଙ୍ଗପୁର ସହରାଞ୍ଚଳର ବଡ଼ବଜାର ସ୍ଥିତ ହନୁମାନ ମନ୍ଦିର ସାଙ୍ଗକୁ ବସ୍ତି ଅଞ୍ଚଳରେ ଥିବା ବିଭିନ୍ନ ହନୁମାନ ମନ୍ଦିରରେ ରାମନବମୀ ପାଳିତ ହୋଇଯାଇଛି।

# ଖଇରା ବଜାରରେ ଭକ୍ତଙ୍କ ବାଇକ୍ ରାଲି



ଖଇରାରେ ବାଇକ ରାଲି ସହର ପରିକ୍ରମା କରୁଛି।

ଖଇରା/ବାଲିଆପାଳ, ୩୦।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଅଧୀନ ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ରାମନବମୀ ଆଧ୍ୟାତ୍ମିକ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । ରାମଭକ୍ତଙ୍କ ବିଶାଳ ବାଇକ ରାଲି ତୁଡିଗଡିଆରୁ ବାହାରି ଗଣ୍ଡିବେଡ, ମହତୀପୁର, ବଟେଶ୍ୱର ଦେଇ ଖଇରା ବଜାର ପରିକ୍ରମା କରିବା ପରେ ଦୁର୍ଗାମଣ୍ଡପରେ ପହଞ୍ଚିଥିଲା । କୁରୁଣ୍ଟା, ବର୍ଦ୍ଧନା ଅଞ୍ଚଳରୁ ବହୁ ଭକ୍ତ ଏଥିରେ ସାମିଲ ହୋଇଥିଲେ। ଲୋଚନ ରାଉତ, ଅବିନାଶ ପ୍ରଧାନ, ଉମେଶ ଜେନା, ଇଂ. ରାଜେଶ ମହାକୁଡ, ମାନସ ବେହେରା, ପ୍ରଭାତ ସାହୁ, ମନୋଜ ପ୍ରଧାନ, ଅମରେଶ ପ୍ରଧାନ, କାଳିଆ ସାମଲ, ଟିକୁଲୁ ସାହୁ, ଆଲୋକ ବାରିକ, ରାଜେଶ ବାରିକ, ଚନ୍ଦନ ରାଉତ, ସୁରେଶ ବେହେରା ଏହି ରାଲିର ନେତୃତ୍ୱ ନେଇଥିଲେ । ଏହାଛଡା ସୁଣ୍ଡିରା ହନୁମାନ ମନ୍ଦିରରେ ୧୬ତମ ଶ୍ରୀରାମ ନବମୀ ମହୋତ୍ସବ ପାଳିତ ହୋଇଛି । ବ୍ରତଧାରୀମାନଙ୍କ ଦ୍ୱାରା କଳସ ଅଣାଯିବା ପରେ ପୂଜକ ଜଗନ୍ନାଥ ପଣ୍ଡା ଓ ପଦ୍ମନାଭ ମିଶ୍ରଙ୍କ ଦ୍ୱାରା ରାମ, ଲକ୍ଷ୍ମଣ, ସୀତା ଓ ହନୁମାନଙ୍କ ପୂଜାର୍ଚ୍ଚନା କରାଯାଇଥିଲା । ନିରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଶଙ୍କର୍ଷଣ ରାୟ, ହରିଶ୍ଚନ୍ଦ୍ର ପରିଡା, ବସନ୍ତ ଲେଙ୍କା, ଶିଶିର କୁମାର ନାୟକ, ପର୍ଶୁରାମ ବେହେରା, ବାସନ୍ତୀ ମହାପାତ୍ରଙ୍କ ସମେତ ସୁଣ୍ଡିରା ଓ ପୂର୍ବପଡା ଗ୍ରାମବାସୀ ସହଯୋଗ କରିଥିଲେ। ସେହିପରି ବାଲିଆପାଳଠାରେ ବଜରଙ୍ଗ ଦଳ ଓ ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶ୍ରୀରାମଙ୍କ ଫଟୋକୁ ଭିନ୍ନ ଭିନ୍ନ ରୂପରେ ରଥରେ ସଜା ଯାଇ ଶହ ଶହ ମୋଟର ସାଇକେଲ ଶୋଭାଯାତ୍ରାରେ ବଜରଙ୍ଗ ଦଳ କର୍ମୀମାନେ ବାଲିଆପାଳ ବ୍ଲକର ସମସ୍ତ ଅଞ୍ଚଳ ପରିକ୍ରମା କରିଥିଲେ।

ବାଲିଆପାଳ ବସ୍‌ଷ୍ଟାଣ୍ଡଠାରୁ ଶୋଭାଯାତ୍ରା ବାହାରି ବାଲିଆପାଳ ବଜାର ପରିକ୍ରମା କରି ଦେଭୋଗ, ଖପରାପଦା, ନାବରା, ଜାମଶୁଳି ଦେଇ ଲଙ୍ଗଳେଶ୍ୱର, ପଞ୍ଚୁପାଲି, ରତାଇ, ପ୍ରତାପପୁର, କାଳିପଦା ଆଦି ଅଞ୍ଚଳ ପରିକ୍ରମା କରିଥିଲେ।

# ଉତ୍ସବରେ ଶ୍ରଦ୍ଧାଳୁଙ୍କ ଭିଡ଼

ବାସୁଦେବପୁର/ ବନ୍ତ,୩୦।୩(ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର ଓ ବନ୍ତ ବ୍ଲକରେ ରାମନବମୀ ପୂଜା ପାଳନ କରାଯାଇଛି। ବାସୁଦେବପୁର ସହରସ୍ଥିତ ବ୍ଲକ ରୋଡ଼ ନିକଟରେ ହନୁମାନ ବାଟିକା ପରିସରରେ ଥିବା ରାମମନ୍ଦିରରେ ଉତ୍ସବ ପାଳନ ଅବସରରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ଦେବୀଙ୍କ ପୂଜାର୍ଚ୍ଚନା କରାଯାଇଛି। ହୋମ ଯଜ୍ଞ ଅନୁଷ୍ଠିତ ହୋଇଛି। ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ଚୁଡ଼ାମଣିସ୍ଥିତ କ୍ଷେମେଶ୍ୱର ମହାଦେବଙ୍କ ପୀଠରେ ଥିବା ରାମ ମନ୍ଦିର, ଜଗନ୍ନାଥପୁର ପଞ୍ଚାୟତ ଚନ୍ଦନ ପୋଖରୀ ଆଡ଼ି ଓ କିଆପଡ଼ା ଛକରେ ଥିବା ରାମମନ୍ଦିରରେ ରାମନବମୀ ଉତ୍ସବ ପାଳନ କରାଯାଇଛି। ବନ୍ତର ଚିଲୋଠାରେ ୪୭ତମ ଶ୍ରୀରାମ ନବମୀ ପୂଜା ମହାସମାରୋହରେ ପାଳିତ ହେଉଛି। ପ୍ରତ୍ୟୁଷରୁ ପୋଖରୀରେ ବୁଡ଼ି କଳସରେ ଜଳ ଅଣାଯାଇଥିଲା। ବଡ଼ସାହି ଓ ମାଳିସାହି ଗ୍ରାମର ଯୁବକମାନେ ଜୟ ଶ୍ରୀରାମ ଧ୍ୱନି ଦେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ମଣ୍ଡପରେ ପହଞ୍ଚିବା ପରେ ପୂଜା କାର୍ଯ୍ୟ ଆରମ୍ଭ ହୋଇଥିଲା। ବିଦ୍ୟାଧର ଲେଙ୍କା, ମୁନା ଖିଲାର ଓ ଗୌରାଙ୍ଗ ପାତ୍ର କଳସ ଧାରଣ କରିଥିଲେ। ପୂଜକ ଭାସ୍କର ଚନ୍ଦ୍ର ଶତପଥୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପାଦନ ହେଉଛି। ଏଠାରେ ପୂଜା ଉତ୍ସବ ୪ ଦିନ ଧରି ଚାଲିବ। ଏହି ଅବସରରେ ଶୁକ୍ରବାରଠାରୁ ୩ଦିନ ପାଲା ପରିବେଷଣ ହେବ। ପୂଜା କମିଟି ସଭାପତି ମାଧବାନନ୍ଦ ବିଶ୍ୱାଳ, ସମ୍ପାଦକ ମଧୁସୂଦନ ସାମଲ, ସରପଞ୍ଚ ସଂଗ୍ରାମ କେଶରୀ ଜେନା, ପ୍ରାକ୍ତନ ସରପଞ୍ଚ ପଙ୍କଜିନୀ ଲେଙ୍କା, ପ୍ରହ୍ଲାଦ ଖୁଣ୍ଟିଆ, ମନୋରଞ୍ଜନ ସାହୁ, ଇଂ. ଲକି ମାଷ୍ଟର ସ୍ୱାଇଁ, ମଣି ଚରଣ ସାହୁ, ଲାଲା ସ୍ୱାଇଁ, ଆଲୋକ ରାଉତ, ନିରୋଦ ଜେନା, ପ୍ରଣବ କିଶୋର ଲେଙ୍କା, ଚଗୁଲ ପୃଷ୍ଟି, ନିରାକାର ଜେନା, ଶଶୀଭୂଷଣ ଖିଲାର, ପ୍ରଦୀପ ପଡିଆରୀଙ୍କ ସମେତ ବଡ଼ସାହି, ମାଳିସାହି ଓ କୁଶବେଣ୍ଟି ଗ୍ରାମର ଲୋକେ ସହଯୋଗ କରୁଛନ୍ତି।



ବନ୍ତରେ ମଣ୍ଡପରେ ପୂଜା ପାଉଛନ୍ତି ଶ୍ରୀରାମ।

